READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୫ ସଂଖ୍ୟା-୦୪ ୦୮ - ୧୪ ଫେବୃଆରୀ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-04 08th - 14th FEBRUARY, 2021 BHUBANESWAR ₹ 5/- (8 Pages)

ଶ୍ରୀମନ୍ଦିର ପାଇଁ ଏନ୍‌ଏମ୍‌ଏର ସ୍ୱତନ୍ତ୍ର ବାଇ-ଲ

କଟକଣାକୁ ନେଇ ସନ୍ଦେହ

ଭୁବନେଶ୍ୱର : ଶ୍ରୀମନ୍ଦିରକୁ ବିଶ୍ୱ ଐତିହ୍ୟ କରିଡରରେ ପରିଣତ କରିବା ଲାଗି ରାଜ୍ୟ ସରକାର ଜୋରଦାର ଉଦ୍ୟମ ଚଳାଇଛନ୍ତି। ମେଘନାଦ ପାଚେରୀ କଡରୁ ୭୫ ମିଟର ପରିଧିକୁ ଅବରୋଧମୁକ୍ତ କରାଯାଇ କୋଠା ହଟାଯାଇଛି, ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରକଳ୍ପକୁ ନେଇ ସରକାରଙ୍କ ସ୍ୱପ୍ନ କାହିଁରେ କେତେ। ଏଥିଲାଗି ମନ୍ଦିର ଚତୁଃପାର୍ଶ୍ୱରୁ ଜମି ଅଧିଗ୍ରହଣ କରାଯାଉଥିବା ବେଳେ ସମାନ୍ତରାଳ ଭାବେ ଉଚ୍ଛେଦ କାର୍ଯ୍ୟ ବି ଜାରି ରହିଛି। ହେଲେ ଏଭଳି ସ୍ଥିତିରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଅଧୀନ ନ୍ୟାସନାଲ ମନ୍ୟୁମେଣ୍ଟ ଅଥରିଟି (ଏନ୍‌ଏମ୍‌ଏ) ଶ୍ରୀମନ୍ଦିର ପାଇଁ ଚିଠି ବାଇ ଲ' ପ୍ରସ୍ତୁତ କରିବା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ରାଜ୍ୟ ସରକାର କିମ୍ବା ମନ୍ଦିର ପ୍ରଶାସନର ବିନା ପରାମର୍ଶରେ ଏଭଳି ବାଇ ଲ' ପ୍ରସ୍ତୁତ କରାଯାଇଥିବା ଏବଂ ଏଥିରେ ଥିବା କଟକଣାକୁ ନେଇ ସନ୍ଦେହ ବଢ଼ିଛି। ଶ୍ରୀଜଗନ୍ନାଥ ମନ୍ଦିର ଐତିହ୍ୟ କରିଡର ନିର୍ମାଣରେ ଅଙ୍କୁଶ ଲଗାଇବା ପାଇଁ ଏଭଳି ମସୁଧା କରାଯାଉଥିବା ଚର୍ଚ୍ଚା ହେଉଛି। ଏହି ବାଇ-ଲରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଶ୍ରୀଜଗନ୍ନାଥ ମନ୍ଦିର ଚାରିପଟେ ୩୦୦ ମିଟର ଅଞ୍ଚଳ ପାଇଁ କଟକଣା ଜାରି ହେବ। ପ୍ରଥମ ୧୦୦ ମିଟର ପୂରା ନିଷିଦ୍ଧ ଅଞ୍ଚଳ ଭାବେ ଘୋଷଣା ହେବ। ଏହି ଅଞ୍ଚଳରେ କୌଣସି ପ୍ରକାର ସରକାରୀ କିମ୍ବା ଘରୋଇ ନିର୍ମାଣକୁ ଅନୁମତି ଦିଆଯିବ ନାହିଁ। ମନ୍ଦିରର ଚାରିପଟେ ୨୦୦ ମିଟର ପରିମିତ ଅଞ୍ଚଳକୁ ନିୟନ୍ତ୍ରିତ ଅଞ୍ଚଳ ଭାବେ ଘୋଷଣା କରାଯିବ। ଏହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ଯଦିଓ ନିଷିଦ୍ଧ କରାଯିବ ନାହିଁ ତଥାପି ନିର୍ମାଣ ପାଇଁ ଏନଏମ୍‌ଏର ମଞ୍ଜୁରି ନିଶ୍ଚିତ ଆବଶ୍ୟକ। ଶ୍ରୀମନ୍ଦିରର ୯.୭ ଏକର ଅଞ୍ଚଳକୁ ସୁରକ୍ଷିତ ଅଞ୍ଚଳ ହୋଇଥିବା ବେଳେ ମନ୍ଦିରର ମେଘନାଦ ପାଚେରି ଚାରିପଟେ ୩୭.୦୬୧ ଏକର ଅଞ୍ଚଳରେ ନିର୍ମାଣକୁ ନିଷିଦ୍ଧ କରାଯିବ। ➤ ପୃ-୬

ଟ୍ରିବ୍ୟୁନାଲ୍‌ରେ ମହାନଦୀ ଜଳ ବିବାଦ ମାମଲା, ପୁଣି ଶୁଣାଣି ଝୁଞ୍ଝଲା

ବାହାରିପାରୁନି ସମାଧାନର ରାସ୍ତା

ଭୁବନେଶ୍ୱର : ୨୦୧୮ ମାର୍ଚ୍ଚ ୧୨ରେ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ଲାଗି ଟ୍ରିବ୍ୟୁନାଲ ଗଠିତ ହୋଇଥିଲା। ଆନ୍ତଃରାଜ୍ୟ ଜଳ ବିବାଦ ଆଇନ ୧୯୫୬ ଅନୁଯାୟୀ ଟ୍ରିବ୍ୟୁନାଲ ୩ ବର୍ଷ ଭିତରେ ବିବାଦର ସମାଧାନ କରିବା ଉଚିତ୍। ଚଳିତ ମାର୍ଚ୍ଚ ମାସକୁ ଏହାର କାର୍ଯ୍ୟକାଳ ସରିବାକୁ ଯାଉଥିବାବେଳେ ଏଯାଏଁ ରାୟ ଶୁଣାଇ ପାରିଲେନାହିଁ ଟ୍ରିବ୍ୟୁନାଲ। ଗତ ଶନିବାର ୧୯ତମ ଶୁଣାଣି ଥିଲେହେଁ କୌଣସି ନିଷ୍କର୍ଷ ବାହାରିଲା ନାହିଁ। ପୁଣି ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ହେବାର ନିଷ୍ପତ୍ତି ହୋଇଛି। ୩ ବର୍ଷ ଭିତରେ ଓଡ଼ିଶା ଟ୍ରିବ୍ୟୁନାଲରୁ କୌଣସି ଅନ୍ତରୀଣ ଆଦେଶ ପାଇ ପାରିଲା ନାହିଁ। ଛତିଶଗଡ଼ ମହାନଦୀ ଉପରେ ଯେଉଁ ବେଆଇନ ପ୍ରକଳ୍ପ, ବନ୍ଧ, ବ୍ୟାରେଜ ଇତ୍ୟାଦି କରୁଛି, ତା ଉପରେ ରୋକ ମଧ୍ୟ ଲାଗିନି। ଯାହା ଆଶା ଥିଲା ତାହା ମଉଳି ଯାଇଛି। ଓଡ଼ିଶାର ସ୍ୱାର୍ଥ ଉପେକ୍ଷିତ ହେବା ସହିତ ମହାନଦୀକୁ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ଗମ୍ଭୀରତାର ସହିତ ନେବାସହ ଏଥିରେ ଉଦ୍‌ବେଗ ପ୍ରକାଶ କରିଛି। ଏହାକୁ ସବୁଠୁ ଦୁର୍ଭାଗ୍ୟ ଏବଂ ପରିତାପର ବିଷୟ ବୋଲି ଦର୍ଶାଇଛି। ଆଇନ ମୁତାବକ ୩ ବର୍ଷରେ ଟ୍ରିବ୍ୟୁନାଲ୍ ଚୂଡାନ୍ତ ରାୟ ଦେଇ ନପାରିଲେ ଆଉ ଦୁଇ ବର୍ଷ ପାଇଁ ସମୟ ସୀମାକୁ ପରିବର୍ଦ୍ଧିତ କରାଯିବାର ନିୟମ ଅଛି। ଶନିବାରର ଶୁଣାଣି ସମୟରେ କମନ୍ ଇନଫରମେସନ ଫରମାଟ(ସିଇଏଫ୍)ମଧ୍ୟ ଚୂଡାନ୍ତ ହୋଇ ପାରିଲା ନାହିଁ। ଏଥିରେ ୬୧ଟି ବିଷୟ ବା ଦିଗ ରହିଛି, ଯାହା ଉପରେ ତଥ୍ୟ ସଂଗ୍ରହ ହେବ। କାବେରୀ ଟ୍ରିବ୍ୟୁନାଲ୍ ୮ ଟି ବିଷୟରେ ➤ ପୃ-୬

ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ

ଭୁବନେଶ୍ୱର : ଏଣିକି ଆଉ ନିସ୍ତାର ମିଳିବନି। ଟ୍ରେଡ୍ ଲାଇସେନ୍ସକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କଠୋର ହେଉଛି। ରାଜଧାନୀରେ ୫୦ ହଜାରରୁ ଊର୍ଦ୍ଧ୍ୱ ଦୋକାନ ରହିଥିବା ବେଳେ ମାତ୍ର ୧୩ ହଜାର ବ୍ୟବସାୟୀ ଟ୍ରେଡ୍ ଲାଇସେନ୍ସ କରିଛନ୍ତି। ଯାହା ଫଳରେ ବିଏମ୍‌ସିର ପ୍ରଚୁର ରାଜସ୍ୱ ହାନୀ ଘଟୁଛି। ବିଏମ୍‌ସି ନିୟମ ଅନୁଯାୟୀ, ରାଜଧାନୀରେ ଯିଏ ବ୍ୟବସାୟ କରିବେ, ତାଙ୍କୁ ଟ୍ରେଡ୍ ଲାଇସେନ୍ସ କରିବାକୁ ପଡିବ। କିନ୍ତୁ ଏହାକୁ ବ୍ୟବସାୟୀ ମାନୁନାହାନ୍ତି। ତେଣୁ ବିଏମ୍‌ସି ପକ୍ଷରୁ ଘରୋଇ ସଂସ୍ଥାକୁ ନିୟୋଜିତ କରି ଟ୍ରେଡ୍ ଲାଇସେନ୍ସ ନଥିବା ବ୍ୟବସାୟୀଙ୍କୁ ଚିହ୍ନଟ କରାଯିବ। ଏନେଇ ବିଏମସି ଓ ସ୍ପାରୋ ସଫ୍ଟୱେୟାର ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ବିଏମ୍‌ସି ପକ୍ଷରୁ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର ଏବଂ ସ୍ପାରୋ ସଫ୍ଟୱେୟାର ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ସୁବ୍ରତ କୁମାର ଦେ ଏମ୍‌ଓୟୁ କରିଥିଲେ। ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ସ୍ପାରୋ ସଫ୍ଟୱେୟାର ସଂସ୍ଥା ପୂରା ରାଜଧାନୀରେ ମାସକ ମଧ୍ୟରେ ସର୍ଭେ ଶେଷ କରିବ। ପ୍ରତି ୱାର୍ଡରେ କେଉଁ ଅଞ୍ଚଳରେ କେତେ ଦୋକାନ ଅଛି, କ'ଣ ➤ ପୃ-୬

କରୋନା ସମ୍ମୁଖ ଯୋଦ୍ଧାଙ୍କୁ ଟିକା

ଭୁବନେଶ୍ୱର : ଶନିବାର କୋଭିଡ୍ ଟିକାକରଣରେ କ୍ଷେତ୍ରରେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ଉଦାହରଣ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀମାନେ କୋଭିଡ୍ ଟିକା ଗ୍ରହଣ କରିଛନ୍ତି। ରାଜ୍ୟରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ପୁଲିସ୍ ମହାନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ସମସ୍ତେ ଟିକା ନେଇଛନ୍ତି। ପ୍ରାୟ ଅଧିକାଂଶ ଜିଲ୍ଲାର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏସ୍‌ପି, କମିଶନର, ବରିଷ୍ଠ ପଞ୍ଚାୟତ ଅଧିକାରୀ, ବରିଷ୍ଠ ପୁଲିସ ଅଧିକାରୀ ଓ ନଗର ଉନ୍ନୟନ ଅଧିକାରୀ ପ୍ରମୁଖ ଟିକାନେବାରେ ସାମିଲ ଅଛନ୍ତି। ଏହାବ୍ୟତୀତ ଅନ୍ୟ ସମ୍ମୁଖ ଯୋଦ୍ଧାମାନେ ମଧ୍ୟ ଟିକା ନେଇଛନ୍ତି। ଯେଉଁ ବରିଷ୍ଠ ଅଧିକାରୀମାନେ ଟିକା ନେଇଛନ୍ତି, ସେମାନେ ଟିକା ନେବା ବେଳର ଫଟୋ ବା ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିଛନ୍ତି। ଏଭଳି ପ୍ରେରଣାଦାୟୀ ଉଦ୍ୟମ ପାଇଁ ବରିଷ୍ଠ ଅଧିକାରୀମାନେ ଜନସାଧାରଣଙ୍କଠାରୁ ପ୍ରଶଂସା ସାଉଁଟିଛନ୍ତି। ଓଡ଼ିଶା ସମେତ ସମଗ୍ର ଦେଶ ପାଇଁ ସେମାନେ ନୂଆ ବାର୍ତ୍ତା ଦେଇଛନ୍ତି। ଏହାର ସମସ୍ତ ଶ୍ରେୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ପାଖକୁ ଯାଇଛି। ଗତ ଶୁକ୍ରବାର ନିଜେ ଶ୍ରୀ ମହାପାତ୍ର କ୍ୟାପିଟାଲ ହସ୍ପିଟାଲରେ କୋଭିଡ୍ ଟିକା ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ଏହି କୋଭିଡ୍ ଟିକା ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ସେ ଟିକା ନେବା ପରେ ଅନ୍ୟମାନଙ୍କୁ ଟିକା ନେବା ପାଇଁ ପରାମର୍ଶ ଦେଇଥିଲେ। ଯେଉଁ ବରିଷ୍ଠ ଅଧିକାରୀମାନେ ଟିକା ନେବେ, ସେମାନେ ନିଜ ଟିକା ନେବା ବେଳର ଫଟୋ ବା ଭିଡିଓ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିବା ଲାଗି ପରାମର୍ଶ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଟିକା ନେବାର ଫଟୋ ଛାଡ଼ିବା ଦ୍ୱାରା ଯେଉଁମାନଙ୍କ ମନରେ ଟିକା ନେବା ପାଇଁ ଭୟ ଓ ଆଶଙ୍କା ରହିଛି, ତାହା ଦୂର ହେବ। ଶନିବାରର ଟିକାକରଣକୁ ନେଇ ରାଜ୍ୟ ତଥା ଦେଶର କୋଣ ଅନୁକୋଣରେ ଚର୍ଚ୍ଚା ଚାଲିଛି। ଶନିବାର ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟରେ ୮.୧% ସମ୍ମୁଖ ଯୋଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣର ପ୍ରଥମ ଡୋଜ୍ ଗ୍ରହଣ କରିଛନ୍ତି। ରାଜ୍ୟରେ ୩୦ଜିଲ୍ଲାରେ ୪୪୯ କେନ୍ଦ୍ରରେ ୪୮ହଜାର ୪୪୬ ➤ ପୃ-୬

ବକ୍ରବାଣୀ

ସୁନା ରୁପା ଦର ଏବେ ଖସିଲା
ଆଛା ଦିନ କିବା ସତେ ଆସିଲା
ତେଲ ଦର ବଢୁ ବଢୁଛି ଯେତେ
ଲାଗିଲାଣି ଶହେ ଡେଇଁବ ସତେ
ଟ୍ୟାକସ ବସେଇ ଭଲ ଲୁଟନ୍ତି
ମାଗଣା ଯୋଜନା ପୁଳେ କରନ୍ତି
ପଇସା ଉଡେଇ ବଜେଇ ଢ଼ୋଲ
ଡିଣ୍ଡୀମ ପିଟନ୍ତି ସେମାନେ ଭଲ
ମିଛ ପୁଳେ କହି ଭୋଟ ଜିତନ୍ତି
ଜିତିଗଲା ପରେ ସବୁ ଭୁଲନ୍ତି

ଟୁଟୁ

ସବ୍‌ରେଜିଷ୍ଟ୍ରାର କହୁଛନ୍ତି, ଏବେ ନୁହେଁ ସଞ୍ଚରେ ଆସ

ତଦନ୍ତ ହେଲେ ଜଣାପଡିବ କାରଣ

ଭୁବନେଶ୍ୱର : ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାରଙ୍କ କଡା ଆଭିମୁଖ୍ୟ ଗ୍ରହଣ କରୁଥିଲା ବେଳେ ଜଟଣୀ ସବ୍‌ରେଜିଷ୍ଟ୍ରାର ଅଫିସରେ ଅନେକ ବେଆଇନ କାର୍ଯ୍ୟ ଚାଲିଥିବା ନେଇ ଅଭିଯୋଗ ଆସୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ବିରୋଧରେ ଶୂନ-ସହନଶୀଳତା ଆଭିମୁଖ୍ୟ ଗ୍ରହଣ କରିଥିଲା ବେଳେ କିଛି ସରକାରୀ ଅଫିସର ଖୋଲାଖୋଲି ନିୟମ ଉଲ୍ଲଙ୍ଘନ କରି ଚାଲିଛନ୍ତି। ଯାହାଫଳରେ ଏମାନଙ୍କ ଯୋଗୁ ରାଜ୍ୟ ସରକାର ବଦନାମ ହେଉଛନ୍ତି। ଅଭିଯୋଗ ଅନୁଯାୟୀ ଜଟଣୀ ସବ୍‌ରେଜିଷ୍ଟ୍ରାର ଅଫିସରେ କାର୍ଯ୍ୟରତ ସବ୍‌ରେଜିଷ୍ଟ୍ରାର ହୃଷିକେଶ ତ୍ରିପାଠୀ ଉଦ୍ଦେଶ୍ୟମୂଳକ ଭାବେ ଲୋକଙ୍କୁ ହଇରାଣ କରୁଛନ୍ତି। ବିକ୍ରି କବଲା ହେଉ କି କ୍ଷମତାପତ୍ର ପ୍ରଦାନ ପଞ୍ଜିକରଣ ବେଳେ ଲୋକଙ୍କୁ ବିଭିନ୍ନ ଆଳ ଦେଖାଇ ହଇରାଣ କରାଯାଉଛି। ରାଜସ୍ୱ ବିଭାଗର ନିୟମକୁ ଅଣଦେଖା କରି ପଟ୍ଟା ବା ଅଧିକାରର ରେକର୍ଡ ପାଇଁ ଆବେଦନ କଲେ ଆବେଦନକାରୀଙ୍କୁ ୧୯୬୨ ମସିହାର ତଥ୍ୟ ମଗାଯାଉଛି। ଯଦିଓ ଜଟଣୀ ସବ୍‌ରେଜିଷ୍ଟ୍ରାର ଅଫିସରେ ୧୯୭୫ ମସିହା ଠାରୁ ସମସ୍ତ ପ୍ରକାର ନଥିପତ୍ର ଓ ତଥ୍ୟ ରହିଛି। କିନ୍ତୁ ଶ୍ରୀ ତ୍ରିପାଠୀ ଜାଣିଶୁଣି ଲୋକଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ୨/୩ଦିନ ପରେ ଆସ ଦେଖିବା ପାଇଁ ଦିନ ଗଡାଇ ଚାଲିଥିଲେ ବି ନିର୍ଦ୍ଧାରିତ ସମୟରେ କାର୍ଯ୍ୟ କରୁନାହାନ୍ତି। ସବ୍‌ରେଜିଷ୍ଟ୍ରାର ଭଲଭାବେ ଜାଣନ୍ତି ଯେ, ୧୯୬୨ ମସିହା ପର୍ଯ୍ୟନ୍ତ ନଥିପତ୍ର କେବଳ ଜିଲ୍ଲା ମୁଖ୍ୟାଳୟ ବା ପୁରୀରେ ରହିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସ ଅଧିନରେ କିଛି ଗ୍ରାମ କଟିଯାଇ ଜଟଣୀ ସବ୍‌ରେଜିଷ୍ଟ୍ରାର ଅଫିସ ସହିତ ମିଶିଛି। ଏଠାରେ ନୂତନ ଭାବେ ମିଶିଥିବା ଗ୍ରାମ ଗୁଡିକର ଜମି ବିକ୍ରି, ଖର୍ଦ୍ଦ ବେଳେ ସାଧାରଣ ଲୋକଙ୍କୁ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜଟଣୀ ଅଫିସରୁ ଇସି କାଢ଼ିବା ସହିତ ଭୁବନେଶ୍ୱର ଅଫିସରୁ ଇସି ଆଣିବା ପାଇଁ ଶ୍ରୀ ତ୍ରିପାଠୀ ଲୋକଙ୍କୁ ବାଧ୍ୟ କରୁଛନ୍ତି। ତିନୋଟି ସବ୍‌ରେଜିଷ୍ଟ୍ରାର ଅଫିସରୁ ଇସି ବାହାର କରାଯିବା ପରେ ଯେଉଁଦିନ ଜଟଣୀ ସବ୍‌ରେଜିଷ୍ଟ୍ରାରଙ୍କ ପାଖକୁ ଏହା ପଞ୍ଜିକରଣ ➤ ପୃ-୬

ଉର୍ଜାର ନୂଆ ପ୍ରବେଶ ଦ୍ୱାର ହେବ ପୂର୍ବ ଭାରତ : ଧର୍ମେନ୍ଦ୍ର

ପଶ୍ଚିମବଙ୍ଗ/ଭୁବନେଶ୍ୱର : ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଉତ୍ତର ପଶ୍ଚିମ ସମେତ ପୂର୍ବ ଭାରତ ଆଗାମୀ ଦିନରେ ଉର୍ଜା କ୍ଷେତ୍ରର ନୂଆ ପ୍ରବେଶ ଦ୍ୱାର ହେବାକୁ ଯାଉଛି। ପ୍ରାକୃତିକ ଗ୍ୟାସ, ସିବିଜି, ସିବିଏମ, ସିଜିଡି, ସିନଗ୍ୟାସ ଏବଂ ଏଲଏନଜିର ସମ୍ଭାବନା ପୂର୍ବାଞ୍ଚଳର ବିକାଶରେ ଗେମ୍‌ଚେଞ୍ଜର ହେବ ବୋଲି ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗସ୍ତର ଦ୍ୱିତୀୟ ଦିନରେ ଶ୍ରୀ ପ୍ରଧାନ ହଳଦିଆ ଠାରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବ ତରୁଣ କାପୁରଙ୍କ ସହ ବିଭାଗୀୟ ଶିଳ୍ପ ଅଧିକାରୀଙ୍କ ସହ ପଶ୍ଚିମବଙ୍ଗରେ ଇଣ୍ଡିଆନ ଅଏଲ, ବିପିସିଏଲ, ଏଚପିସିଏଲ ଏବଂ ଗେଲ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ତୈଳ ଓ ଗ୍ୟାସ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଆଲୋଚନା କାଳରେ ଶ୍ରୀ ପ୍ରଧାନ ତୈଳ ଓ ଗ୍ୟାସ ଶିଳ୍ପର ଅଧିକାରୀଙ୍କ ମନୋବଳ ବୃଦ୍ଧି କରିବା ସହ ନୂଆ ଚିନ୍ତାଧାରା ଏବଂ ଯୋଜନାର ରୂପରେଖ ପ୍ରସ୍ତୁତ କରି ବିକଳ୍ପ ଉର୍ଜା ସୃଷ୍ଟିପାଇଁ କହିଥିଲେ। ଏହାସହ ବର୍ତ୍ତମାନ କ୍ରିୟାନ୍ୱିତ ହେଉଥିବା ଇଥାନଲ ଉତ୍ପାଦନରେ ବୃଦ୍ଧି, ବାୟୋମାସକୁ ଗୁରୁତ୍ୱ ଓ ସିବିଜି ପ୍ଲାଂଟ୍ ପ୍ରତିଷ୍ଠାକୁ ସଦୃଢ଼ କରିବା ଦିଗରେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ସେ କହିଛନ୍ତି ଦେଶର ଉର୍ଜା କ୍ଷେତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତର ଏକ ଚାବିକାଠି। ଏହାସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଅର୍ଥନୀତିକୁ ➤ ପୃ-୬

CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India
THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR



For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

ସରକାରୀ ଯୋଜନାର ନଗ୍ନ ନମୁନା

ଅପହଞ୍ଚ ଇଲାକା କାପଡଚୁଆ

ଉଦଳା,(ନିରୁପମା ରଣା) : ଗାଁ କୁ ନାହିଁ ରାସ୍ତା, ପାନୀୟ ଜଳ ଓ ବିଜୁଳି। ସମସ୍ତ ସରକାରୀ ଯୋଜନା ଏହି ଗ୍ରାମ ପାଇଁ ଅପହଞ୍ଚ ଓ ବିକାଶର ପାଦ ଛାପି ନଥିବା ଏହି ଗ୍ରାମର ସମସ୍ୟା କେବେ ସମାଧାନ ହେବ ତାହାକୁ ଅପେକ୍ଷା କରି ରହିଛନ୍ତି ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ପଞ୍ଚାୟତର ଏ ହେଉଛି କାପଡଚୁଆ ଗ୍ରାମ। କପ୍ତିପଦା ବ୍ଲକ ଠାରୁ ମାତ୍ର ୧୫ କିଲୋମିଟର ଦୂର ଏହି ଗ୍ରାମ। ହେଲେ ବାସ୍ତବ ଚିତ୍ର ଏହି ଗାଁକୁ ଦେଖିଲେ ବୁଝିହେବ ସରକାରଙ୍କ ଯୋଜନା କେତେ ଫଳପ୍ରଦ ହୋଇଛି ଓ ପ୍ରଶାସନର ଏହି ଗାଁ କୁ କେତେ ଦୃଷ୍ଟି ପଡିଛି। ଏହି ଗ୍ରାମରେ ପାନୀୟ ଜଳ, ରାସ୍ତା, ସରକାରୀ ଯୋଜନାରେ ଘର ଓ ବିଜୁଳି ଗ୍ରାମବାସୀଙ୍କ ପାଇଁ ହୋଇଛି ସାତସପନ। ସରକାରଙ୍କ ଯୋଜନା ଅନେକ ହେଲେ ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଯୋଜନା ଯୋଜନା ବାଟରେ ବାଟବଣା ହୋଇ ରହିଯାଇଛି। ଏହି କାପଡଚୁଆ ଗ୍ରାମରେ ୪୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ରହୁଥିବା ବେଳେ ବିକାଶର ଚିତ୍ର ବାରି ପାରିନାହାନ୍ତି। ଗାଁରେ ଗୋଟିଏ ବି ନଳକୂପ ନଥିବା ବେଳେ ଏକ ନାଳ ପାଣି ପିଇ ନିଜର ଶୋଷ ମେଣ୍ଟାଉଛନ୍ତି। ଏହିପରିକି ସରକାରୀ ଯୋଜନାରେ ଘର ପାଇନଥିବା ଭଙ୍ଗା କୁଡିଆରେ ବିତୁଛି ଜୀବନ। ଗ୍ରାମବାସୀମାନେ ନିକଟ ଏକ ଜଙ୍ଗଲରୁ ପତ୍ର ➤ ପୃ-୬

କେମିତି କଟିବ ଏ ସପ୍ତାହ

ମେଷ
ଦୂରସ୍ଥାନକୁ ଯାତ୍ରାର ଯୋଗ ଅଛି। ଗୁରୁଜନ ବା ପିତୃତୁଲ୍ୟ ବ୍ୟକ୍ତିଙ୍କୁ ସମ୍ମାନ କରନ୍ତୁ। ଆଶୀର୍ବାଦ ପ୍ରାପ୍ତ ହେବ। ଉଚ୍ଚଶିକ୍ଷା ପ୍ରାପ୍ତି ପାଇଁ ସୁଯୋଗ ସୃଷ୍ଟି ହେବ। ପରିବାରରେ ସୁଖ ଓ ଶାନ୍ତି ବଜାୟ ରହିବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ।

ବୃଷ
ସପ୍ତାହର ପ୍ରଥମାର୍ଦ୍ଧରେ ଶାରୀରିକ ଓ ମାନସିକ କଷ୍ଟ ମିଳିପାରେ। ଆଧ୍ୟାତ୍ମିକ ଓ ଧାର୍ମିକ କାର୍ଯ୍ୟରେ ମନନିବେଶ କରିପାରନ୍ତି। ଘର ପରିବାରରେ ସୁଖ ପ୍ରାପ୍ତି ହେବ। କୌଣସି ମହତ୍ୱପୂର୍ଣ୍ଣ ସ୍ଥାନକୁ ପରିଭ୍ରମଣ କରିପାରନ୍ତି। ସପ୍ତାହର ଶେଷ ଭାଗରେ କୌଣସି ପୁରୁଣା ଇଚ୍ଛା ପୂରଣ ହେବ।

ମିଥୁନ
ସପ୍ତାହର ପ୍ରଥମାର୍ଦ୍ଧରେ ବ୍ୟବସାୟରେ ଲାଭ ହେବ। ମାନସିକ ଚାପ ବଢ଼ିପାରେ। ରୋକିଥିବା କାର୍ଯ୍ୟ ପୁନଃର୍ବାର ଆରମ୍ଭ ହୋଇପାରେ। ପରିବାରରେ ବାଧାର ସମ୍ମୁଖୀନ ହୋଇପରନ୍ତି। ଛାତ୍ରମାନେ ଶିକ୍ଷାର ମନନିବେଶ କରିବେ।

କର୍କଟ
ଚାକିରି କ୍ଷେତ୍ରରେ ସମ୍ମାନ ବଢ଼ିବ। ଶତ୍ରୁମାନେ ପରାସ୍ତ ହେବେ। ଭାଗିଦାରୀ ବ୍ୟବସାୟ ପାଇଁ ସମୟ ଅନୁକୂଳ। ହଠାତ୍ ଅର୍ଥପ୍ରାପ୍ତି ହୋଇପାରେ। ପ୍ରେମ ଜୀବନ ସାମାନ୍ୟ ରହିବ। ବୁଝି ବିଚାରି ବ୍ୟବସାୟ ନକଲେ କ୍ଷତି ହେବ।

ସିଂହ
ସପ୍ତାହର ପ୍ରଥମାବସ୍ଥାରେ ସନ୍ତାନଙ୍କ ପ୍ରତି ଆଦର ବୃଦ୍ଧି ପାଇବ। ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା କ୍ଷେତ୍ରରେ ଭଲ ପରିଣାମ ମିଳିପାରେ। ଶତ୍ରୁମାନେ ସକ୍ରିୟ ହେବେ ତେଣୁ ଜାଗ୍ରତ ରୁହନ୍ତୁ। ସପ୍ତାହର ଅନ୍ତରେ ସ୍ୱାସ୍ଥ୍ୟ କଷ୍ଟ ମିଳିପାରେ।

କନ୍ୟା
ସମ୍ପତ୍ତି କ୍ରୟ କରିପାରନ୍ତି। ପରିବାରର ଲୋକଙ୍କ ସହଯୋଗ ମିଳିବ। ମନରେ କଳାତ୍ମକ ବିଚାର ଆସିପାରେ। ଛାତ୍ରମାନେ ପାଠରେ ମନନିବେଶ କରିବେ। ଆଇନ ଅଦାଲତରେ ସଫଳତା ମିଳିବ।

ତୁଳା
ଏ ସପ୍ତାହରେ ଆପଣ ଅଳସୁଆ ହୋଇପାରନ୍ତି। ପରିବାରରେ ସୁସମ୍ପର୍କ ସ୍ଥାପିତ ହେବ। ଖର୍ଚ୍ଚ ବଢ଼ିବାରୁ ଆର୍ଥିକ ବୋଝ ଅଧିକ ହେବ। ବନ୍ଧୁ ମାନଙ୍କ ସହ ବନ୍ଧୁତା ବଢ଼ିପାରେ। ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

ବିଛା
ଧନପ୍ରାପ୍ତିର ସମ୍ଭାବନା ଅଛି। କୌଣସି ଶୁଭ କାର୍ଯ୍ୟ ସମ୍ପାଦନ କରିପାରନ୍ତି। ବନ୍ଧୁ ଦର୍ଶନ ହୋଇପାରେ। କୌଣସି ଆତ୍ମୀୟଙ୍କଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ।

ଧନୁ
ପଢ଼ାରେ ମନ ଲାଗିବ ଓ ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଗୁରୁଜନଙ୍କ ଆଦର ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କାର୍ଯ୍ୟ କ୍ଷେତ୍ରରେ ଉତ୍ତମ ଫଳ ମିଳିବ। ଧାର୍ମିକ କାମରେ ମନ ଦେବେ।

ମକର
ଦୂର ଯାତ୍ରା କରିପାରନ୍ତି। ଶାରୀରିକ ଓ ମାନସିକ ଚିନ୍ତା ବଢ଼ିବ। ସନ୍ତାନଙ୍କ ବ୍ୟବହାର ପାଇଁ ଦୁଃଖିତ ହେବେ। ଦାମ୍ପତ୍ୟ ଜୀବନରେ କଳହ ଉପୁଜିପାରେ। ଆତ୍ମୀୟଙ୍କର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

କୁମ୍ଭ
ସପ୍ତାହର ପ୍ରଥମାର୍ଦ୍ଧରେ ଧନପ୍ରାପ୍ତିର ସମ୍ଭାବନା ଅଛି। ଭାଇଭଉଣଈ ସହ ସମ୍ପର୍କ ଉନ୍ନତି ହେବ। ଶିକ୍ଷା କ୍ଷେତ୍ରରେ ସମ୍ମାନ ବଢ଼ିବ। ଶତ୍ରୁଙ୍କ ପ୍ରତି ସତର୍କ ରୁହନ୍ତୁ। ଆୟ ଠାରୁ ବ୍ୟୟ ବଢ଼ିବ। ମାନସିକ ଚିନ୍ତାଗ୍ରସ୍ତ ହେବେ। କୌଣସି ସମ୍ପତ୍ତି କିଣିବା ପାଇଁ ପ୍ରୟାସ କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

ମୀନ
ଚାର୍ଯ୍ୟ କ୍ଷେତ୍ରରେ ସ୍ଥିତି ସୁଦୃଢ଼ ରହିବ। ପରିବାରରେ ସୁଖ ପ୍ରାପ୍ତ ହେବ। ଆୟରେ ଆଶାନୁରୂପ ବୃଦ୍ଧି ହେବ। ବିରୋଧୀଙ୍କ ପ୍ରତି ସତର୍କ ରୁହନ୍ତୁ। ନଚେତ ଶାରୀରିକ ଓ ଆର୍ଥିକ କ୍ଷତି ହୋଇପାରେ। ସ୍ୱାସ୍ଥ୍ୟରେ ଅବନତି ହେବ। ଛାତ୍ରମାନଙ୍କୁ ଶୁଭଫଳ ମିଳିବ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

କୃଷି ଆଇନ ପ୍ରତ୍ୟାହାର ଦାବି ତେଜିଲା

ଅକ୍ଟୋବର ଦୁଇ ପର୍ଯ୍ୟନ୍ତ ଅପେକ୍ଷା

ନୂଆଦିଲ୍ଲୀ : କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଶନିବାର କୃଷକଙ୍କ ଦେଶ ବ୍ୟାପି ଚକାଜାମ୍ ଆନ୍ଦୋଳନ ପରିପ୍ରେକ୍ଷୀରେ ଭାରତୀୟ କିଷାନ ୟୁନିଅନର ଅଧ୍ୟକ୍ଷ ରାକେଶ ଟିକାୟତ କହିଛନ୍ତି ଯେ, ଏହି ଆଇନ ପ୍ରତ୍ୟାହାର ପାଇଁ ଆମେ ସରକାରଙ୍କୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସମୟ ଦେଇଛୁ। ଯେ ପର୍ଯ୍ୟନ୍ତ ଆମର ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଅକ୍ଟୋବର ୨ ପରେ ଆମେ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରିବୁ। ଆମେ କୌଣସି ଚାପର ବଶବର୍ତ୍ତୀ ହୋଇ ଆଲୋଚନା କରିବୁ ନାହିଁ ବୋଲି ଟିକାୟତ କହିଛନ୍ତି। ସୂଚନାଥାଉ କି, ଶନିବାର କୃଷକଙ୍କ ଦେଶବ୍ୟାପି ତିନି ଘଣ୍ଟିଆ ଚକାଜାମ୍ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏହି ସମୟ ମଧ୍ୟରେ କୌଣସି ଠାରେ ହିଂସାକାଣ୍ଡ ବା ଭଙ୍ଗାରୁଜା ଭଳି କୌଣସି ଅଘଟଣ ସମ୍ପର୍କରେ ସୂଚନା ମିଳିନାହିଁ। ତେବେ ତିନିଟି ରାଜ୍ୟ ପଞ୍ଜାବ, ହରିୟାଣା ଓ ରାଜସ୍ଥାନରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇଛି। ଏହି ସମୟରେ ଦିଲ୍ଲୀ ସୀମାରେ ଇଣ୍ଟରନେଟ ସେବା ବନ୍ଦ କରି ଦିଆଯାଇଥିଲା। ପଞ୍ଜାବରେ ଚକାଜାମ୍ ସମୟରେ କେତେକ ସ୍ଥାନରେ ବିକ୍ଷୋଭକାରୀ ମାନେ ଜର୍ଣ୍ଣେଲ ସିଂ ଭିନ୍ଦ୍ରେଲୱାଲାଙ୍କ ଚିତ୍ର ଥିବା ପତାକା ପ୍ରଦର୍ଶନ କରିଥିଲେ ବୋଲି ବିଜେପି ଅଭିଯୋଗ କରିଛି। କଂଗ୍ରେସ ସମର୍ଥନରେ ସଂଯୁକ୍ତ କିଷାନ ମୋର୍ଚ୍ଚା ବ୍ୟାନରରେ ୪୦ଟି କୃଷକ ସଂଗଠନ ପକ୍ଷରୁ ଡାକରା ଦିଆଯାଇଥିବା ଦେଶବ୍ୟାପି ଚକାଜାମ୍ ମଧ୍ୟାହ୍ନ ୧୨ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ଆନ୍ଦୋଳକାରୀ ମାନେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଗତ ଜାନୁଆରୀ ୨୬ ଗଣତନ୍ତ୍ର ଦିବସରେ କୃଷକଙ୍କ ଟ୍ରାକ୍ଟର ରାଲି ପରେ ଏହା ଥିଲା ସେମାନଙ୍କର ବଡ଼ ଧରଣର ଆନ୍ଦୋଳନ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୁଲିସ ଗାଜିପୁର ସୀମାରେ ବ୍ୟାରିକେଡ ନିର୍ମାଣ କରିଥିଲା। କିନ୍ତୁ ଦିଲ୍ଲୀ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ କୃଷକ ମାନେ ଚକାଜାମ୍ କରିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିଥିଲେ। ଏହା ସତ୍ତ୍ୱେ କେତେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦିଲ୍ଲୀ ପୁଲିସ କେନ୍ଦ୍ରୀୟ ଦିଲ୍ଲୀର ଶହୀଦ ପାର୍କ ନିକଟରେ ପ୍ରାୟ ୫୦ ଜଣ ବିକ୍ଷୋଭକାରୀଙ୍କୁ ଅଟକ ରଖିଥିଲା। ଉଲ୍ଲେଖଯୋଗ୍ୟ କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି କୃଷକ ମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଜମ୍ମୁ-କଶ୍ମୀର ସମେତ ୫ ରାଜ୍ୟରେ ଚକାଜାମ୍‌ର ସାମାନ୍ୟ ପ୍ରଭାବ ପରିଲକ୍ଷିତ ହୋଇଛି। କଂଗ୍ରେସ ଏହାକୁ ସମର୍ଥନ କରିଥିବାରୁ ମଧ୍ୟପ୍ରଦେଶର କଂଗ୍ରେସ ନେତା ଦିଗବିଜୟ ସିଂ କହିଛନ୍ତି, ଯେଉଁମାନେ କୃଷି ଆଇନକୁ ବିରୋଧ କରୁଛନ୍ତି ସେମାନେ ଚକାଜାମ୍‌ରେ ସାମିଲ ହୋଇଛନ୍ତି। ରାଜ୍ୟରେ ଗ୍ୱାଲିଅର, ଇନ୍ଦୋର ଓ ଉଜ୍ଜୟିନୀରେ ଚକାଜାମ୍‌ର ବିଶେଷ ପ୍ରଭାବ ପଡିନଥିଲା। ମହାରାଷ୍ଟ୍ରରେ କସଡ଼ ଓ କୋହ୍ଲାପୁରରେ ବିକ୍ଷୋଭକାରୀ ମାନେ ରାସ୍ତାରୋକ କରିଥିଲେ। ପୁଲିସ ୪ ଜଣ ବିକ୍ଷୋଭକାରୀଙ୍କୁ ଅଟକ ରଖିଥିଲା। ଏମାନଙ୍କ ମଧ୍ୟରେ କଂଗ୍ରେସ ନେତା ପୃଥ୍ୱୀରାଜ ଚୌହାନଙ୍କ ପତ୍ନୀ ସତ୍ୟଶିଳା ଚୌହାନ ସାମିଲ ଥିଲେ। ଏମାନେ କସଡ଼-କୋହ୍ଲାପୁର ଚେକ ଗେଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପୁଲିସ ଅଟକ ରଖିଥିବା ବିକ୍ଷୋଭକାରୀଙ୍କୁ ଛାଡି ଦେଇଥିଲା। ତେଲେଙ୍ଗାନାର ହାଇଦ୍ରାବାଦ ଉପକଣ୍ଠରେ ବିକ୍ଷୋଭକାରୀ ମାନେ ଚକାଜାମ୍ କରିବାକୁ ଉଦ୍ୟମ କଲା ବେଳେ ପୁଲିସ ସେମାନଙ୍କୁ ଘଉଡାଇ ଦେଇଥିଲା। ବେଙ୍ଗାଲୁରୁର ୟେଲାହାଙ୍କା ଥାନା ବାହାରେ କୃଷକ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ପୁଲିସ କେତେକ ବିକ୍ଷୋଭକାରୀଙ୍କୁ ଅଟକ ରଖି ପରେ ଛାଡି ଦେଇଥିଲା। ଜମ୍ମୁ-କଶ୍ମୀରର ଜମ୍ମୁ- ପଠାନକୋଟ ରାଜପଥରେ ୩ ଘଣ୍ଟା ଟ୍ରାଫିକ ଜାମ୍ ହୋଇଥିଲା।

କୋବ୍ରା ବାଟାଲିୟନରେ ମହିଳା କମାଣ୍ଡୋ

ନୂଆଦିଲ୍ଲୀ : ମାଓବାଦୀଙ୍କ ମୁକାବିଲା ପାଇଁ ଗଠିତ ସିଆରପିଏଫ୍‌ର କୋବ୍ରା ବାଟାଲିୟନରେ ପ୍ରଥମ ଥର ପାଇଁ ୩୪ଜଣ ମହିଳା କମାଣ୍ଡୋଙ୍କୁ ସାମିଲ କରାଯାଇଛି। ୨୦୦୯ରେ ଗଠିତ କୋବ୍ରା ବାଟାଲିୟନ କମାଣ୍ଡୋଙ୍କୁ ଛତିଶଗଡ, ଝାଡ଼ଖଣ୍ଡ, ଓଡିଶା ଓ ଆନ୍ଧ୍ରପ୍ରଦେଶର ନକ୍ସଲ ଉପଦ୍ରୁତ ଅଞ୍ଚଳରେ ମୁତୟନ କରାଯାଇଛି। ମହିଳା ସଶକ୍ତିକରଣ ଦିଗରେ ଏହା ଆଉ ଏକ ପଦକ୍ଷେପ ବୋଲି ସିଆରପିଏଫ୍ ପକ୍ଷରୁ କୁହାଯାଇଛି। ସିଆରପିଏଫ୍‌ର ୬ ମହିଳା ବାଟାଲିୟନରୁ ଏହି ୩୪ ଜଣଙ୍କୁ କୋବ୍ରା ବାଟାଲିୟନ ପାଇଁ ମନୋନୀତ କରାଯାଇଛି। ୩ ମାସ ତାଲିମ ନେବାପରେ ଏମାନଙ୍କୁ ନକ୍ସଲ ଉପଦ୍ରୁତ ଅଞ୍ଚଳରେ ମୁତୟନ କରାଯିବ। ଘନ ଜଙ୍ଗଲରେ ନକ୍ସଲଙ୍କ ମୁକାବିଲା କରିବାକୁ ଏମାନେ ସ୍ୱତନ୍ତ୍ର ଅସ୍ତ୍ରଶସ୍ତ୍ର ବ୍ୟବହାର, ଯୋଜନାବଦ୍ଧ ରଣନୀତି, ଜଙ୍ଗଲୀ ଜୀବନ ସହ ଖାପ୍ ଖୁଆଇବା ଭଳି ଧାରାରେ ନିଜକୁ ସାମିଲ କରିବାକୁ ଏମାନଙ୍କୁ ତାଲିମ ଦିଆଯିବ। ପୁନଶ୍ଚ ଏଭଳି ମହିଳା କମାଣ୍ଡୋଙ୍କୁ ସାମିଲ କରାଯିବା ଫଳରେ ଲିଙ୍ଗଭିତ୍ତିକ ସମାନତା ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି।

ଦେଶରେ ୫୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଟିକାକରଣ

ନୂଆଦିଲ୍ଲୀ : ଦେଶରେ ଏପର୍ଯ୍ୟନ୍ତ ୫୬, ୩୬,୮୬୮ ଜଣ ଲୋକଙ୍କ ଟିକାକରଣ ହୋଇଛି। ଏମାନଙ୍କ ମଧ୍ୟରେ ୫୨, ୬୬, ୧୭୫ ଜଣ ସ୍ୱାସ୍ଥ୍ୟକର୍ମୀ ରହିଥିବା ବେଳେ ୩ ଲକ୍ଷ ୭୦ ହଜାର ୬୯୩ ଜଣ କୋଭିଡ ଯୋଦ୍ଧା ରହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡକ୍ଟର ମନୋହର ଅଗ୍ନାନୀ କହିଛନ୍ତି, ଗତ ଜାନୁଆରୀ ୧୬ରୁ ଦେଶରେ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ ହୋଇଥିବା ବେଳେ ଫେବୃଆରୀ ୨ରୁ ପୁଲିସ ସମେତ ଆଗୁଆ ଯୋଦ୍ଧାଙ୍କ ଟିକାକରଣ ଆରମ୍ଭ ହୋଇଛି। ଦେଶରେ ଶନିବାର ୨ଲକ୍ଷ ୨୦ ହଜାର ୧୯ଜଣଙ୍କ ଟିକାକରଣ କରାଯାଇଛି। ଅଗ୍ନାନୀ କହିଛନ୍ତି ଟିକାକରଣର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ କୌଣସି ରିପୋର୍ଟ ମିଳିନାହିଁ। ଅନ୍ୟପକ୍ଷରେ ସେ ଆହୁରି କହିଛନ୍ତି ଏ ପର୍ଯ୍ୟନ୍ତ ୧୩ ରାଜ୍ୟରେ ୬୦ ପ୍ରତିଶତରୁ ଅଧିକ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ କରାଯାଇଛି।

ଭୁବନେଶ୍ୱର ରେଳ ଷ୍ଟେସନ୍ ହେବ 'ମଲ୍ଟି ମୋଡାଲ୍ ହବ୍'

ନୂଆଦିଲ୍ଲୀ : ଭୁବନେଶ୍ୱର ରେଳ ଷ୍ଟେସନ୍ର ପୁନର୍ବିକାଶ କାର୍ଯ୍ୟ କରାଯିବ, ପୁରୀ-କୋଣାର୍କ ରେଳପଥ ପାଇଁ ସର୍ଭେ ଶେଷ ହୋଇଛି, ନୂଆପଡ଼ା-ଗୁଣୁପୁର ନୂଆ ଲାଇନ୍‌ରେ ଥେରୁବାଲି ପର୍ଯ୍ୟନ୍ତ ବାଇବା ଲାଗି ୨୦୧୭-୧୮ ବଜେଟ୍‌ରେ ସାମିଲ କରାଯାଇଛି ବୋଲି ଆଜି ରାଜ୍ୟସଭାରେ ରେଳମନ୍ତ୍ରୀ ଶ୍ରୀ ପୀୟୂଷ ଗୋୟଲ୍ କହିଛନ୍ତି। ଏଥିସହ ସେ ସ୍ୱଷ୍ଟ କରିଛନ୍ତି ଯେ ଗଞ୍ଜାମ ଜିଲ୍ଲା ଶୀତଳାପଲ୍ଲୀଠାରେ ରେଳ ୱାଗନ କାରଖାନା ହେବାର କେଣସି ପ୍ରସ୍ତାବ ନାହିଁ। ରାଜ୍ୟସଭା ସାଂସଦ ଡକ୍ଟର ଅମର ପଟ୍ଟନାୟକଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସେ କହିଛନ୍ତି, ୨୦୧୭ରୁ ପଡ଼ିରହିଥିବା ଭୁବନେଶ୍ୱର ରେଳ ଷ୍ଟେସନ୍ ପୁନର୍ବିକାଶ କାର୍ଯ୍ୟ ରେଳବାଇ ଓ ଓଡ଼ିଶା ସରକାର ମିଳିତ ଭାବେ ଗ୍ରହଣ କରିଛନ୍ତି। ରେଳବାଇ ଓ ଓଡ଼ିଶା ସରକାରଙ୍କ ଜମିରେ ସମନ୍ୱିତ ଭାବେ ନୂଆ ଷ୍ଟେସନ୍ ବିଲ୍ଡିଙ୍ଗ୍ ଏବଂ ପ୍ଲାଟ୍‌ଫର୍ମ ସହ ନୂଆ ଲାଇନ୍ ନିର୍ମାଣ ଲାଗି ଯୋଜନା କରାଯାଇଛି। ଏଥିନିମନ୍ତେ, ଓଡ଼ିଶା ସରକାରଙ୍କ ତରଫରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପୂର୍ବତଟ ରେଳବାଇ ମଧ୍ୟରେ



୧୯.୯.୨୦୧୯ରେ 'ଏମ୍‌ଓୟୁ' ସ୍ୱାକ୍ଷରିତ ହୋଇଛି। ସ୍ମାର୍ଟ ସିଟି ପାରିପାର୍ଶ୍ୱିକ ବିକାଶ ସହ ଏହି ଷ୍ଟେସନ୍‌ରୁ 'ମଲ୍ଟି ମୋଡାଲ୍ ହବ୍' କରିବା ନିମନ୍ତେ ନକ୍ସା ପ୍ରସ୍ତୁତି କରିବା ଲାଗି 'ବିଡିଏ' ଜଣେ କନ୍‌ସଲ୍ଟାଣ୍ଟ ନିଯୁକ୍ତ କରିଛନ୍ତି। ସେହିଭଳି, ୨୦୧୫-୧୬ରେ ୩୩ କିଲୋମିଟର୍ ଦୀର୍ଘ ପୁରୀ-କୋଣାର୍କ ନୂଆ ଲାଇନ୍‌ର ସର୍ଭେ ସମ୍ପନ୍ନ ହୋଇଛି। ପ୍ରସ୍ତାବିତ ରେଳପଥ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟ ଦେଇ ଯାଇଛି। ଅଭୟାରଣ୍ୟକୁ ଏଡ଼ାଇବା ନିମନ୍ତେ ପୁନର୍ବାର ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା, ନୂଆପଡ଼ା-ଗୁଣୁପୁର ନୂଆ ଲାଇନ୍‌ରେ ଥେରୁବାଲି ପର୍ଯ୍ୟନ୍ତ ବଢ଼ାଇବା ପ୍ରସ୍ତାବ ୨୦୧୭-୧୮ ବଜେଟ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରକଳ୍ପର 'ଡିଟେଲଡ୍ ପ୍ରୋଜେକ୍ଟ ରିପୋର୍ଟ' ପ୍ରସ୍ତୁତ ହୋଇଛି। ଏଥିନିମନ୍ତେ ନିର୍ମାଣ ବ୍ୟୟର ୫୦% ବହନ କରିବା ସହ ମାଗଣାରେ ଜମି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ, କେବଳ ମାଗଣାରେ ଜମି ଯୋଗାଇ ଦେବାକୁ ଓଡ଼ିଶା ସରକାର ରାଜି ହୋଇଛନ୍ତି। ତେଣୁ, ନିର୍ମାଣ ବ୍ୟୟର ୫୦% ବହନ କରିବାକୁ ପୁଣି ଥରେ ଓଡ଼ିଶା ସରକାରଙ୍କୁ ଅନୁରୋଧ କରାଯାଇଛି। ଏହା ବ୍ୟତିରେକେ ଗଞ୍ଜାମ ଜିଲ୍ଲାର ଶୀତଳାପଲ୍ଲୀରେ ରେଳବାଇ ୱାଗନ୍ କାରଖାନା ବସାଇବାର କୌଣସି ପ୍ରସ୍ତାବ ନାହିଁ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି। ଏହି ୱାଗନ୍ କାରଖାନା ସ୍ଥାପନ କରିବା ଲାଗି ଜମି ଚିହ୍ନଟ ହୋଇଥିବା କଥା ସାଂସଦ ଡକ୍ଟର ଅମର ପଟ୍ଟନାୟକ ପ୍ରଶ୍ନରେ ଉଲ୍ଲେଖ କରିଥିଲେ।

ବନ୍ଦ ହେବ କେନ୍ଦ୍ରର ୪୦ ଯୋଜନା !

ନୂଆଦିଲ୍ଲୀ : ଦୁଇ ଦିନ ତଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୧-୨୨ ବର୍ଷ ପାଇଁ ୩.୮୧ ଲକ୍ଷ କୋଟି ଟଙ୍କାର ବଜେଟ ସଂସଦରେ ଉପସ୍ଥାପନ କରିଛନ୍ତି। ଗତ ଆର୍ଥିକ ବର୍ଷ ୨୦୨୦-୨୧ରେ ବଜେଟ ପରିମାଣ ୩.୩୯ ଲକ୍ଷ କୋଟି ଟଙ୍କା ଥିଲା। ତେବେ ପାଣ୍ଠି ଅଭାବରୁ ମୋଦୀ ସରକାର କେତେକ ଯୋଜନା ବନ୍ଦ କରିବାକୁ ଯାଉଛନ୍ତି। କେନ୍ଦ୍ର ବ୍ୟୟ ସଚିବ ଟି.ଭି ସୋମନାଥନ କହିଛନ୍ତି, ପାଣ୍ଠି ଅଭାବରୁ ୪୦ଟି କେନ୍ଦ୍ରୀୟ ଯୋଜନା ବନ୍ଦ ହେବାକୁ ଯାଉଛି। ସୋମନାଥନ୍ ଏକ ସାକ୍ଷାତକାରରେ କହିଛନ୍ତି, ୨୦୨୨ ମାର୍ଚ୍ଚ ସୁଦ୍ଧା କେନ୍ଦ୍ର ପ୍ରାୟୋଜିତ ୧୩୧ଟି ଯୋଜନାକୁ ହ୍ରାସ କରି ଏହାକୁ ପ୍ରାୟ ୯୦ଟି ଯୋଜନାରେ ସୀମିତ କରାଯିବ। ଯେଉଁ ଯୋଜନା ଗୁଡିକ କାଳକ୍ରମେ ପ୍ରାସଙ୍ଗିକତା ହରାଇସାରିଲାଣି, ସେଗୁଡିକୁ ବନ୍ଦ କରିଦିଆଯିବ। ଏଥିରୁ କେଉଁ ଯୋଜନା ଗୁଡିକୁ ରାଜ୍ୟ ସରକାର ମାନେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି ତାହା ସେମାନଙ୍କ ଉପରେ ଛାଡ଼ି ଦିଆଯିବ। ତେବେ କେଉଁ ଯୋଜନାଗୁଡ଼ିକ ବନ୍ଦ ହେବ ସେସମ୍ପର୍କରେ ବ୍ୟୟ ସଚିବ କିଛି ସ୍ୱଷ୍ଟ କରିନାହାନ୍ତି। ସୋମନାଥ ଆହୁରି କହିଛନ୍ତି, ବର୍ଷ ବର୍ଷ ଧରି ଅନେକ ଗୁଡିଏ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି। ଏଥିରୁ ଅନେକ ଗୁଡିଏ ଯୋଜନା ପ୍ରାସଙ୍ଗିକତା ହରାଇ ସାରିଲାଣି। ଆଉ କେତେକ ଯୋଜନା ମଧ୍ୟରେ ଏତେ ସାମଞ୍ଜସ୍ୟ ରହିଛି ଯେ ସେସବୁ ପୃଥକ ବୋଲି କୁହାଯାଇପାରିନାହିଁ। ଏଣୁ ସରକାର ଚିନ୍ତା କରୁଛନ୍ତି, ପ୍ରାସଙ୍ଗିକତା ହରାଇଥିବା ଯୋଜନା ଗୁଡିକୁ ବନ୍ଦ କରି ଗୁରୁତ୍ୱପୂର୍ଣ୍ଣ ଯୋଜନା ଗୁଡିକ ଲାଗି ଅଧିକ ପାଣ୍ଠି ବିନିଯୋଗ କରାଯାଇ ଏହାକୁ ଅଧିକ ଫଳପ୍ରଦ କରାଯିବ। ସେ କହିଛନ୍ତି, ଏଭଳି ଯୋଜନାର ବଜେଟ କାଟ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ କିନ୍ତୁ ଏବାବଦ ଅର୍ଥ ଅନ୍ୟ ଯୋଜନାରେ ବିନିଯୋଗ କରାଯାଇପାରିବ। ସରକାରୀ ସୂତ୍ରରୁ ପ୍ରକାଶ, ଶିକ୍ଷା ଓ କୃଷି ମନ୍ତ୍ରଣାଳୟର ଏଭଳି କେତେକ ଯୋଜନା ରହିଛି, ଯାହାର ପୁନର୍ବିନ୍ୟାସ ଆବଶ୍ୟକ ପଡୁଛି। କେନ୍ଦ୍ର ପ୍ରାୟୋଜିତ ଯୋଜନା(ସିଏସ୍‌ଏସ୍)ରେ ଏଭଳି ସଂଶୋଧନ କରିବାକୁ ସରକାର ଚାହୁଁଛନ୍ତି। ବିଶେଷ କରି ସିଏସ୍‌ଏସ୍ ଯୋଜନାରେ କେନ୍ଦ୍ର ସରକାର ୬୦ ପ୍ରତିଶତ ପାଣ୍ଠରି ଯୋଗାଇ ଦେଉଥିଲା ବେଳେ ରାଜ୍ୟ ସରକାର ୪୦ ପ୍ରତିଶତ ପାଣ୍ଠରି ବିନିଯୋଗ କରୁଛନ୍ତି। ସୋମନାଥ ସାକ୍ଷାତକାରରେ କହିଛନ୍ତି, ଏହି ଯୋଜନା ଗୁଡିକ ୩୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ କାର୍ଯ୍ୟକାରୀ ହେଉଛି। ଏଗୁଡିକୁ

୮ ଲେନ୍ ହେବ ପାରାଦୀପ-ବଡ଼ବିଲ ରାସ୍ତା

ଭୁବନେଶ୍ୱର : ପାରାଦୀପ ଠାରୁ ବଡ଼ବିଲ ମଧ୍ୟରେ ନିର୍ମାଣ ହେବ ୮ଲେନ୍ ବିଶିଷ୍ଟ ରାସ୍ତା। ଧାର୍ଯ୍ୟଲକ୍ଷ୍ୟ ଭିତରେ ସରିବ ଏହି ୩୦୦ କିଲୋମିଟର ବ୍ୟାପୀ ରାଜପଥର ନିର୍ମାଣ କାର୍ଯ୍ୟ। ଏହାଦ୍ୱାରା ପାରାଦୀପ ବନ୍ଦରକୁ ଖଣିଜ ସାମଗ୍ରୀ ପରିବହନରେ ସୁଗମ ହେବ। ସେହିପରି ଜୁନ୍ ୨୦୨୧ ସୁଦ୍ଧା ୪୩ କିଲୋମିଟର ବିଶିଷ୍ଟ ରେମୁଳିକୋଇଡ଼ା, ଏନ୍ଏଚ୍-୨୦ର ପାଣିକୋଇଲି-ରେମୁଳି ଅଂଶ ଏବଂ ୧୦୪ କିଲୋମିଟର ବିଶିଷ୍ଟ ସିଙ୍ଗଡ଼ାବି ଓ୍ୱାହାଲ ୪ ଥାକିଆ ରାସ୍ତା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ସ୍ଥିର ହୋଇଛି। ପରେ ସିଙ୍ଗଡ଼ା-ବିଓ୍ୱାହଲ ରାସ୍ତା ଆଠ ଥାକିଆ କରିବାର ପ୍ରସ୍ତାବ ରହିଛି। ମଙ୍ଗଳବାର ଭିଡ଼ିଓ କନଫରନ୍ସିଂ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ମଧ୍ୟରେ ଜାତୀୟ ରାଜପଥ ସଂପର୍କିତ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ସେହି ବୈଠକରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବି ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବୈଠକରେ କେନ୍ଦ୍ର ସରକାରଙ୍କୁ କେତେକ ଜରୁରି ପ୍ରସ୍ତାବ ଦେଇଛନ୍ତି। ଏଥିରେ ପାରାଦୀପ-ବଡ଼ବିଲ ମଧ୍ୟରେ ନିର୍ମାଣ ହେବାକୁ ଥିବା ୮ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ସମୟରେ ସର୍ଭିସ ରୋଡ୍ କରିବା ପ୍ରସ୍ତାବ ଅନ୍ୟତମ ଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ, ପାରାଦୀପ ଠାରୁ ବଡ଼ବିଲ ମଧ୍ୟରେ ୮ଲେନ୍ ବିଶିଷ୍ଟ ରାସ୍ତା ହେବା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏଥିସହିତ ରାଜ୍ୟ ଅନ୍ୟ କିଛି ପ୍ରମୁଖ ରାଜପଥ ନିର୍ମାଣ ନେଇ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକଳ୍ପ ପାଇଁ ସମସ୍ତ ଆନୁଷଙ୍ଗିକ ସହଯୋଗ ଯୋଗାଇ ଦିଆଯିବ। ପ୍ରକଳ୍ପରେ ରାଜ୍ୟର ଭାଗୀଦାରୀ ବି ରହିବ। ତେଣୁ ପ୍ରତି ଦୁଇମାସ ଭିତରେ ନିର୍ମାଣ କାର୍ଯ୍ୟର ତଦାରଖ କରାଯିବା ଜରୁରୀ। ବିଶେଷକରି ପ୍ରସ୍ତାବିତ ୩୦୦ କିଲୋମିଟର ବିଶିଷ୍ଟ ଦୀଘା-ସାତପଡ଼ା ବେଳାଭୂମି ଜାତୀୟ ରାଜପଥ ପାଇଁ ଦେଖାଦେଇଥିବା

ସମସ୍ୟାର ତୁରନ୍ତ ସମାଧାନ କରିବାକୁ କହିବ। ରାଜ୍ୟ ସରକାର ଏନେଇ ଏନଓସି ଦେଇ ସାରିଛନ୍ତି। ସେହିପରି ଭୁବନେଶ୍ୱର ରିଙ୍ଗ୍ ରୋଡ୍ ପ୍ରକଳ୍ପ ଏବଂ ବିଜୁ ଏକ୍ସପ୍ରେସ ୱେର ଅଂଶ ସ୍ୱରୂପ ଅମ୍ପାନି-ଜୟପୁର, ଭୁବନେଶ୍ୱର-ପୁରୀ ଏକ୍ସପ୍ରେସ ୱେ ଓ ରାୟପୁର-ବିଶାଖାପାଟଣା ରାସ୍ତା ପ୍ରତି ଦୃଷ୍ଟିଦେବା ସହ ଧାମରା ବନ୍ଦର ସଂଯୋଗୀକରଣ ଏବଂ ଗୋପାଳପୁର, ସୁବର୍ଣ୍ଣରେଖା, ଅସ୍ତରଙ୍ଗ, ପାରାଦୀପ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟ ନାୟକ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବରେ କେନ୍ଦ୍ରମନ୍ତ୍ରୀ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଭାରତମାଳା ପରିଯୋଜନାର ଦୀଘାଗୋପାଳପୁର ଉପକୂଳ ରାଜପଥ ପ୍ରକଳ୍ପ ପାଇଁ ୯ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର 'ଲାଇଫଲାଇନ୍' ହେବାକୁ ଯାଉଛି। କୋଷ୍ଟାଲ ହାଇୱେର 'ଗୋପାଳପୁରରୁ ସାତପଡ଼ା' ପ୍ରକଳ୍ପର କାମ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶାର ସର୍ବବୃହତ ରାଜପଥ ପ୍ରକଳ୍ପ କୋଷ୍ଟାଲ ହାଇୱେ ସମ୍ପୂର୍ଣ୍ଣ ହେଲେ ଏହା ପର୍ଯ୍ୟଟନ ଶିଳ୍ପକୁ ତ୍ୱରାନ୍ୱିତ କରିବା ସଙ୍ଗେସଙ୍ଗେ ମତ୍ସ୍ୟ ଚାଷ, ଖାଦ୍ୟ ପ୍ରକ୍ରିୟାକରଣକୁ ସୁବିଧା ଦେବା ସହ ପଣ୍ୟ ପରିବହନରେ ବିଶେଷ ଭାବରେ ସହାୟକ ହେବ। ଶ୍ରୀ ପ୍ରଧାନ କହିଥିଲେ, ପାରାଦୀପ-ବଡ଼ବିଲ ରାସ୍ତା ଆଠ ଥାକିଆ ହେଲେ ଇସ୍ପାତ୍, କୋଇଲା, ଲୁହା ଓ ଆଲୁମିନିୟମ ସାମଗ୍ରୀ ଆଦି ପରିବହନ ହୋଇ ପାରିବ। ଯାଜପୁର, କଟକ, କେନ୍ଦୁଝର, ସୁନ୍ଦରଗଡ଼ ସହ ଯୋଗାଯୋଗ ଭଲ ହୋଇଯିବ। ଦେଶର ସବୁଠୁ ବଡ଼ କଳିଙ୍ଗନଗର ଇସ୍ପାତ୍ କ୍ଲଷ୍ଟରର ବିକାଶ ସମ୍ଭବ ହେବ। ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ ହେବା ସହିତ ଯୁବକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ହେବ। ପାରାଦୀପ ଓ ଧାମରା ବନ୍ଦର ଯୋଗୁଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲାଭବାନ ହେବେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାର ଓଡ଼ିଶାର ବନ୍ଦର ଆଧାରିତ ଶିଳ୍ପାୟନର ଦ୍ରୁତ ଅର୍ଥନୀତିର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ।

ଆର୍‌ଟିଓ ଅଫିସ୍‌ରେ କମିବ ଭିଡ଼ ଏଣିକି ଲୋକଙ୍କ ପାଇଁ ସ୍ମାର୍ଟ ଧାଡ଼ି

ଭୁବନେଶ୍ୱର : ଆରଟିଓ ଅଫିସ୍‌ରେ ଆଉ ଲାଗିବନି ଲମ୍ବା ଧାଡ଼ି। ଡ୍ରାଇଭିଂ ଲାଇସେନ୍ସ କିମ୍ବା ଅନ୍ୟ କାମ ପାଇଁ ଲୋକଙ୍କୁ ଅଧିକ ସମୟ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବନି । ଏଥିପାଇଁ ଲୋକଙ୍କୁ ସ୍ମାର୍ଟ ଧାଡ଼ିରେ ଛିଡ଼ା କରାଇବାକୁ ରାଜ୍ୟ ପରିବହନ ବିଭାଗ ପଦକ୍ଷେପ ଗ୍ରହଣ କରିଛି। ଶୀଘ୍ର ଓ ସହଜ କାମ ଲାଗି ଲୋକଙ୍କୁ ସ୍ମାର୍ଟ ଧାଡ଼ିରେ ଛିଡ଼ା କରାଇବାର ନୂଆ ଯୋଜନା କରିଛି ରାଜ୍ୟ ପରିବହନ ବିଭାଗ । ଏନେଇ ନ୍ୟାସନାଲ୍ ସ୍କୁଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର-୧, କଟକ, ଗଞ୍ଜାମ, ପୁରୀରେ ଆରମ୍ଭ କରାଯିବ । ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଆରଟିଓ ଅଫିସରେ କୌଣସି କାମ ଥିଲେ ସେମାନେ ଅନ୍‌ଲାଇନ୍‌ରେ ଗୋଟିଏ ସ୍ଲଟ ବୁକିଂ କରିପାରିବେ । ସ୍ଲଟ୍ ଆସିବା ଯାଏ କୌଣସି ସ୍ଥାନରେ ବସି ନିଜର ଅନ୍ୟ କାମ କରିପାରିବେ। ରାଜ୍ୟର ଅନେକ ଆର୍‌ଟିଓ କାର୍ଯ୍ୟାଳୟରେ ଦୈନିକ ନାହିଁନଥିବା ଭିଡ଼ ଜମୁଛି। ଅନେକ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନଥିବାରୁ କାର୍ଯ୍ୟ ବିଳମ୍ବ ହେଉଥିବା ବେଳେ କେତେକ ସ୍ଥାନରେ ଡ୍ରାଇଭିଂ ଲାଇସେନ୍ସ ଲାଗି ଆବେଦନକାରୀ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମସ୍ୟାର ସମାଧାନ ଲାଗି ରାଜ୍ୟ ପରିବହନ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି।

ଆଇଟିଆଇ ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର

୯ ମାସର ହଷ୍ଟେଲ୍ ଫି' ଛାଡ

ଭୁବନେଶ୍ୱର : ରାଜ୍ୟର ସମସ୍ତ ସରକାରୀ ଆଇଟିଆଇରେ ପଢୁଥିବା ଛାତ୍ରଛାତ୍ରୀଙ୍କର ୯ ମାସର ହଷ୍ଟେଲ ଫି' ଛାଡ଼ କରାଯାଇଛି। ଏଥିଯୋଗୁଁ ପ୍ରାୟ ୩୦ହଜାର ଛାତ୍ରଛାତ୍ରୀ ଉପକୃତ ହେବେ ଓ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ପରେ ତାହା କାର୍ଯ୍ୟକାରୀ ହୋଇଛି। ୨୦୨୦ ଅପ୍ରେଲ ଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ୯ ମାସର ହଷ୍ଟେଲ ଫି' ଛାଡ଼ କରାଯାଇଛି। କୋଭିଡ୍ ଯୋଗୁ ଏହି ସମୟରେ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁନଥିଲେ। ଆଇଟିଆଇ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନେ ହଷ୍ଟେଲ୍‌ର ଦେୟ ବାବଦରେ ମାସିକ ୧୨୫ ଟଙ୍କା ଦେଇଥାନ୍ତି। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ୯ ମାସରେ ୧୧୨୫ ଟଙ୍କା ହଷ୍ଟେଲ ଫି' ଦେବାକଥା ଓ ଏବେ ସେ ସବୁ ଛାଡ଼ ପାଇବେ। ଉଲ୍ଲେଖନୀୟ ଯେ ରାଜ୍ୟର ୩୦ଜିଲ୍ଲାରେ ୪୫ଟି ସରକାରୀ ଆଇଟିଆଇ ରହିଛି ଓ ପ୍ରାୟ ୩୦ ହଜାର ଛାତ୍ରଛାତ୍ରୀ ବିଭିନ୍ନ ଟ୍ରେଡ୍‌ରେ ପାଠ ପଢୁଛନ୍ତି। ଯେଉଁ ସରକାରୀ ଆଇଟିଆଇ ରହିଛି, ସେଥିମଧ୍ୟରେ ରାଉରକେଲା,ହୀରାକୁଦ, ଗଜବାହାଲ, ଗୁମା, ବାରକୋଟ, ଗନ୍ଧମାର୍ଦନ, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ରାୟଘର, ଉମରକୋଟ, ଭୁବନେଶ୍ୱର, ତାଳଚେର, ବୌଦ୍ଧ, ବାଲେଶ୍ୱର, କଟକ ମଧୁସୂଦନ, ବାରିପଦା ପୂର୍ଣ୍ଣଚନ୍ଦ୍ର ଆଇଟିଆଇ ଅନ୍ୟତମ। ଏସବୁ ସରକାରୀ ଆଇଟିଆଇରେ ପ୍ରାୟ ୨୧ ପ୍ରକାରର ପାଠ୍ୟକ୍ରମ ରହିଛି ଓ କିଛି ଆଇଟିଆଇ ସବୁ ପାଠ୍ୟ ଖସଡ଼ା କାର୍ଯ୍ୟକ୍ଷମ କରିନାହାନ୍ତି ଓ ଅଧିକାଂଶ ଆଇଟିଆଇରେ ପିଲାମାନେ ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ। ପ୍ରାକ୍ଟିକାଲ କରୁଥିଲେ ଓ କରୋନା ସମୟରେ ସେମାନେ ଘରେ ଥିଲେ ଓ ସେଥିପାଇଁ ସରକାର ନଅ ମାସର ହଷ୍ଟେଲ ଫି ଛାଡ଼ କରିଛନ୍ତି।

ସମସ୍ତ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗର ଚିଠି

୨୦ ସୁଦ୍ଧା ରୁଷା ଅର୍ଥ ବିନିଯୋଗ ତଥ୍ୟ ଦିଅ

ଭୁବନେଶ୍ୱର : ରାଜ୍ୟର ପ୍ରମୁଖ ୪ଟି ବିଶ୍ୱବିଦ୍ୟାଳୟରେ ରୁଷାର ପ୍ରଥମ ପର୍ଯ୍ୟାୟରେ ମିଳିଥିବା ଅନୁଦାନ ରାଶିର ଅର୍ଥ ବିନିଯୋଗ ତଥ୍ୟ ପ୍ରଦାନ କରିବାକୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳସଚିବଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୦ତାରିଖ ସୁଦ୍ଧା ସମସ୍ତ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର ବିକାଶ, ଭିତ୍ତିଭୂମିର ବିକାଶ, ଗୁଣାତ୍ମକ ଶିକ୍ଷାପୋଯୋଗୀ ପରିବେଶ ସାଙ୍ଗକୁ ଛାତ୍ରଛାତ୍ରୀମାନେ ଯେପରି ସମସ୍ତ ସୁବିଧା ସୁଯୋଗ ପାଇବେ ସେଥିପାଇଁ ରୁଷା(ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ) ପକ୍ଷରୁ ଅନୁଦାନ ମଞ୍ଜୁର କରାଯାଇଥିଲା। ତେବେ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ଅନୁଦାନ ପାଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ କେତେ ଅର୍ଥ ବ୍ୟୟ ହୋଇଛି ଏବଂ କେଉଁ ମାଧ୍ୟମରେ ବିନିଯୋଗ କରାଯାଇଛି ସେ ସବୁର ସମ୍ପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଅବଗତ ହେବା ଲାଗି ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସମ୍ପୃକ୍ତ ୪ ବିଶ୍ୱବିଦ୍ୟାଳୟ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରହିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକୁ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି କେତେ ଟଙ୍କା ମଞ୍ଜୁର କରାଯାଇଥିଲା ଏବଂ କେତେଟଙ୍କା ବ୍ୟୟ କରାଯାଇଛି ସେ ସମ୍ବନ୍ଧରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ତଥା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ରାଜଶ୍ରୀ ମହାନ୍ତି ଶୁକ୍ରବାର ୪ଟି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦ ସୁଦ୍ଧା ରୁଷା ଅର୍ଥ ବିନିଯୋଗ ରିପୋର୍ଟ ବିଭାଗର ହସ୍ତଗତ ହେବା ପରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଏହାର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

ଛାତ୍ର ବିଜେଡି ପକ୍ଷରୁ ୬ ପଦ୍ମ ବିଜେତା ସମ୍ମାନିତ

ଭୁବନେଶ୍ୱର : ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ସ୍ୱାସ୍ଥ୍ୟସେବା, ବିଜ୍ଞାନ ଓ ସମାଜକଲ୍ୟାଣ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଯୋଗୁଁ ମର୍ଯ୍ୟାଦାଜନକ ସମ୍ମାନ 'ପଦ୍ମ ପୁରସ୍କାର' ପାଇଁ ମନୋନୀତ ହୋଇଥିବା ଛଅ ବ୍ୟକ୍ତି ବିଶେଷଙ୍କୁ ଛାତ୍ର ବିଜେଡି ପକ୍ଷରୁ ସମ୍ମାନୀତ କରାଯାଇଛି। ବିଜୁ ଛାତ୍ର ଜନତାଦଳ ପକ୍ଷରୁ ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ପରାମର୍ଶକ୍ରମେ କର୍ମକର୍ତ୍ତାମାନେ ପଦ୍ମବିଜେତାଙ୍କୁ ନିଜସ୍ୱ ବାସଭବନରେ ଭେଟି ସମ୍ମାନିତ କରିବା ସହ କୃତଜ୍ଞତା ଜଣାଇଛନ୍ତି। ପଦ୍ମବିଭୂଷଣ ପାଇଁ ମନୋନୀତ ଓଡ଼ିଶାର ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ ଏବଂ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ଶାନ୍ତି ଦେବୀ, ପୂର୍ଣ୍ଣମାସୀ ଜାନୀ, ରଜତକୁମାର କର, ଡା. କ୍ରିଷ୍ଣମୋହନ ପାଠୀ ଓ ନନ୍ଦ ପୃଷ୍ଟିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ବିଜୁ ଛାତ୍ର ଜନତାଦଳର ରାଜ୍ୟ ଉପ ସଭାପତି ପ୍ରଦୋଷ ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ୍ ପାଲଟା ସିଂ, କନ୍ଧମାଳ ଜିଲ୍ଲା ସଭାପତି ସୁନିଲ୍ ସେଠୀ, ରାୟଗଡ଼ା ଜିଲ୍ଲା ସଭାପତି ବିଷ୍ଣୁପ୍ରସାଦ ପଣ୍ଡା, ଯାଜପୁର ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ବ୍ରହ୍ମପୁର ଜୋନ୍ ସଭାପତି ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଲେଜରୁ ହଟିବ କ୍ୟାରିଅର୍ କାଉନ୍ସେଲିଂ ସେଲ୍

ଭୁବନେଶ୍ୱର : ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ କଲେଜରେ ଥିବା କ୍ୟାରିଅର କାଉନ୍ସେଲିଂ ସେଲ୍ ଗୁଡ଼ିକୁ ବନ୍ଦ କରି ଦିଆଯିବ। ସେଲ୍ ଏହାର ଲକ୍ଷ୍ୟ ହାସଲ କରିପାରି ନଥିବା ଦର୍ଶାଇ ବିଭାଗ ଏଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ୨୦୧୮ ଜୁନ୍ ମାସରେ ଏହି କ୍ୟାରିଅର ଏବଂ କାଉନ୍ସେଲିଂ ସେଲ୍ ଆରମ୍ଭ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ କ୍ୟାରିଅର୍ ସମ୍ପର୍କିତ ପରାମର୍ଶ ସହିତ ଦକ୍ଷତା ବିକାଶ ସମ୍ପର୍କରେ ଟ୍ରେନିଂ ମଧ୍ୟ ପ୍ରଦାନ କରାଯାଉଥିଲା। ତେବେ ଏହି ଯୋଜନା ଏହାର ଲକ୍ଷ ହାସଲ କରି ପାରି ନଥିବା ଦର୍ଶାଇ ବିଭାଗ ଏଗୁଡ଼ିକୁ ବନ୍ଦ କରିବାକୁ ଯାଉଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ୫୨ଟି ସରକାରୀ କଲେଜକୁ ଚିଠି ଲେଖାଯାଇଛି। କଲେଜରେ କ୍ୟାରିଅର୍ କାଉନ୍ସେଲିଂ ସେଲ୍ ବନ୍ଦ କରିବା ସହିତ ଏବାବଦରେ ବଳକା ଥିବା ଅର୍ଥକୁ ଫେରାଇବା ପାଇଁ ବିଭାଗ ଚିଠିରେ ଉଲ୍ଲେଖ କରିଛି।

ମେ' ୪ରୁ ସିବିଏସ୍‌ଇ ପରୀକ୍ଷା

ଭୁବନେଶ୍ୱର : ମେ' ୪ରୁ ଆରମ୍ଭ ହେବ ସିବିଏସଇ ପରୀକ୍ଷା । ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସୂଚୀ ଘୋଷଣା କଲା ସିବିଏସଇ । ଏନେଇ ଟ୍ୱିଟ କରି ସୂଚନା ଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ। ଜାନୁଆରୀ ୨୮ରେ ସିବିଏସଇ ବୋର୍ଡ ପରୀକ୍ଷା ନେଇ ତାରିଖ ଘୋଷଣା ସରିଥିଲା। ବୋର୍ଡ ପରୀକ୍ଷା ମେ ୪ରୁ ଆରମ୍ଭ ହୋଇ ଜୁନ ୧୦ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଥିଲା । ସେହିପରି ମାର୍ଚ୍ଚ ୧ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହେବ। ୨୦୨୧-୨୨ର ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତିକୁ ପାଳନ କରିବା ପାଇଁ ସିବିଏସଇ ପାଠ୍ୟକ୍ରମରେ ହେବାକୁ ଥିବା ପରିବର୍ତ୍ତନ ଉପରେ ଆଲୋଚନା କରିବାକୁ ଶିକ୍ଷା ମନ୍ତ୍ରୀ ଏକ ଅନଲାଇନ ବୈଠକ କରିଥିଲେ। ଏଥିରେ ୧୦୦୦ରୁ ଅଧିକ ବିଦ୍ୟାଳୟର ପ୍ରିନ୍ସିପାଲ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ କାର୍ଯ୍ୟସୂଚୀ ଘୋଷଣା ସହ ସିବିଏସଇ ଛାତ୍ରଛାତ୍ରୀମାନଙ୍କ ୪୫ ବର୍ଷର ରେକର୍ଡକୁ ଡିଜିଟାଲାଇଜ୍ କରାଯିବ ବୋଲି କୁହାଯାଇଛି।

ଛାତ୍ରଛାତ୍ରୀଙ୍କ ମେଧାବୃତ୍ତି ରାଶି ବୃଦ୍ଧି

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିବର୍ଷ ବିଭିନ୍ନ ବର୍ଗର ମେଧା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ବୃତ୍ତି ରାଶିକୁ ବୃଦ୍ଧି କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ସୂଚନା ମିଳିଛି। ଏହି ରାଶି ମେଧା ଛାତ୍ରଛାତ୍ରୀଙ୍କୁ ଏକାଳୀନ ପ୍ରଦାନ କରାଯାଇଥାଏ। ସ୍ନାତକ, ସ୍ନାତକୋତ୍ତର ଏବଂ ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ମେଧାବୀ ଛାତ୍ର ଛାତ୍ରୀଙ୍କ ଲାଗି ଏହି ବୃତ୍ତି ଉଦ୍ଦିଷ୍ଟ ରହିଛି। ପୂର୍ବରୁ ସ୍ନାତକ ସ୍ତରରେ ନାମ ଲେଖାଇଥିବା ଯୋଗ୍ୟ ବିବେଚିତ ମେଧା ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ତାହା ୧୫ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଶିକ୍ଷାବର୍ଷରୁ ଏହି ମେଧା ବୃତ୍ତି ପରିମାଣକୁ ବୃଦ୍ଧି କରାଯିବ। ୟୁଜି ସ୍ତରରେ ମେଧା ଛାତ୍ରଛାତ୍ରୀଙ୍କୁ ଏହି ରାଶି ବାର୍ଷିକ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ସ୍ନାତକୋତ୍ତର ବା ପିଜି ସ୍ତରରେ ଛାତ୍ରୟଛାତ୍ରୀଙ୍କ ଲାଗି ଉଦ୍ଦିଷ୍ଟ ମେଧାବୃତ୍ତି ରାଶିକୁ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ବୈଷୟିକ ଶିକ୍ଷା ସ୍ତରରେ ୪ ବର୍ଷ ପାଇଁ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ଲାଗି ଏହି ଅର୍ଥ ଏକକାଳୀନ ୪୦

ସୁଖ ପାଖରେ ଜ୍ଞାନ
ନଥାଏ । ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୮ - ୧୪ ଫେବୃଆରୀ, ୨୦୨୧

ଶୃଙ୍ଖଳିତ ଜୀବନ ପାଇଁ ଆହ୍ୱାନ

ଜୀବନରେ ପରିସ୍ଥିତି ଯାହାବି ହେଉନା କାହିଁକି ସମୟ ଅଟକିଯାଏନି । ସମୟ ନିଜସ୍ୱ ଛନ୍ଦରେ ନିଜ ପରିକଳ୍ପିତ ରାସ୍ତାରେ ଆଗକୁ ଆଗକୁ ଗଡୁଥାଏ । ସେଥିରେ ଦୁଖ, ଦୁଃଖ, ଆନନ୍ଦ, ହରଷ, ବିଷାଦ ଭଳି ଶବ୍ଦମାନେ ବାଲିଗରଡା ନଦୀ ସ୍ରୋତରେ ଗଡି ଚାଲିବା ଭଳିଗଡି ଗଡି ପରିଶେଷରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରନ୍ତି ତ ଆଉ କିଛି ଅଧା ରାସ୍ତାରେ ନିଜକୁ ନିଃଶେଷ କରିଦିଅନ୍ତି । ଏଥିରେ ସମୟର କିଛି ଦୋଷ ନଥିଲା ଭଳି ମଣିଷ ଯେତେବେଳେ କର୍ତ୍ତବ୍ୟ ପଥରେ ଅଗ୍ରସର ହୁଏ,ସେ ଭାବି ନଥାଏ ଯେ, ଏ ଯାତ୍ରାର ଶେଷ କେଉଁଠି । ତଥାପି ଆଶାବାଦୀ ହୋଇ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିବା ପାଇଁ ଚେଷ୍ଟାରେ ତ୍ରୁଟି ରହିବା ଉଚିତ ନୁହେଁ । ଚେଷ୍ଟାରେ ତ୍ରୁଟି ରଖି କର୍ତ୍ତବ୍ୟର ଫସଲ ଭଲ ଫଳିଲା ନାହିଁ ବୋଲି କହି ବୁଲିବା ବା ଅନ୍ୟକୁ ସମୟର ଦୋଷ ଦେଇ ନିଜ ତ୍ରୁଟିକୁ ଭୁଲାଇବା ଏକ ଅପଚେଷ୍ଟା ବୋଲି କୁହାଯିବ । କିଛି ଲୋକ ଅନ୍ୟକୁ ଠକି ଦେଇ ନିଜକୁ ନିଜେ ଯେତେ ଖୁସି ଦେଖାଇ ହେଉଥିଲେ ବି ବାସ୍ତବରେ ସେମାନେ ଯେ ନିଜ ଭିତରେ ନିଜେ ଏତେ ଦୁଃଖୀ ତାହା ପରିପ୍ରକାଶ ନହେଲେ ବି ସତ୍ୟକୁ ସ୍ୱୀକାର କରିବା ଉଚିତ ବୋଲି ନିଶ୍ଚୟ କହିବେ । ବାସ୍ତବରେ ଏ ସଂସାର ଏଭଳି ଉପାଦାନକୁ ନେଇ ତିଆରି ଯେ ସେଥିରେ ଜଣେ ଜଣକୁ ଠକିବା ବା ଭୁଲାଇଦେବା ଆଦୌ ସମ୍ଭବ ନୁହେଁ । ନିଜେ ନିଜକୁ ଠକି ଅନ୍ୟକୁ ଠକିଥିବାର ଆନନ୍ଦରେ ବିଭୋର ହେବା କ୍ଷଣସ୍ଥାୟୀ । ସେଭଳି ଜୀବନରେ ନୀତି, ଆଦର୍ଶ ପାଳନ କରୁନଥିବା ବ୍ୟକ୍ତି ବିଫଳ ହୋଇଥାନ୍ତି । ଏହି ବିଫଳତା ପଛରେ କେଉଁ କାରଣ ଅଛି ବା ନିଜ କର୍ତ୍ତବ୍ୟରେ କି ପ୍ରକାର ଅବହେଳା କରାଯାଇଛି ତାହା ଅନୁଶୀଳନ ନକରି ଅପର ଉପରେ ଦୋଷ ଲଦିବା କାରଣ ଯୋଗୁ ବେଳେ ବେଳେ ବ୍ୟକ୍ତିର ସମସ୍ୟା ଦ୍ୱିଗୁଣିତ ହୁଏ । ସଚେତନ ବ୍ୟକ୍ତି ନିଜର ତ୍ରୁଟି ସୁଧାରିବା ପାଇଁ ପ୍ରୟାସ କରୁଥିଲା ବେଳେ ନିର୍ବୋଧମାନେ ବିପଥରେ ଯିବାକୁ ପସନ୍ଦ କରନ୍ତି । ଜୀବନ ଦର୍ଶନର ଗୂଢ଼ ତତ୍ତ୍ୱ ଜିଜ୍ଞାସା ବଳରେ ହାସଲ କରାଯିବାର ଦ୍ୱାର ଉନ୍ମୁକ୍ତ ରହିଥିଲା ବେଳେ କୁପଥରେ ଯିବା ରାସ୍ତା ସହଜ ହୋଇଥିବାରୁ ଅଧିକାଂଶ ସହଜ ପଥ ବାଛି ପରେ ନର୍ଗ ଭୋଗ କରୁଥିଲେ ବି ଏଥିନେଇ ଅନୁଶୋଚନା ରହୁନାହିଁ । ଦୁର୍ଭାଗ୍ୟର ବିଷୟ ଏହା ଯେ, ଭକ୍ତିହୀନ, ଶ୍ରଦ୍ଧାହୀନ ଏବଂ ବିବେକହୀନ କାର୍ଯ୍ୟ କରିବା ଦ୍ୱାରା ମଣିଷର ଅଧୋପତନ ଆରମ୍ଭ ହୋଇଯାଇଥାଏ । ପ୍ରକାରନ୍ତରେ ମଣିଷ ନୀଚ କର୍ମ କରି ଅସଲ ଜୀବନ ପଥରୁ ଦୂରକୁ ଦୂରକୁ ଚାଲିଯାଏ । ମଣିଷ ଇଚ୍ଛା କରି ଅନେକ ସମୟରେ କିଛି ପାଇଥିଲେ ବି ପ୍ରାପ୍ତିର ସୁଖ ମନ ଭିତରେ ନଥାଏ । ଆହୁରି ଅଧିକ କିଛି ପାଇବାର ଲୋଭ ବାରମ୍ବାର ଏଭଳି ପ୍ରତିକ୍ରିୟା ସୃଷ୍ଟିକରେ ଯାହା ସହଜରେ ବୁଝିହୁଏ ନାହିଁ । ମୋହ, ଆସକ୍ତି ଓ ବସ୍ତୁବାଦର ଅଧିକ ଲୋଭ ହିଁ ମଣିଷକୁ ଭୁଲ ପଥରେ ନେଇଯିବାର ଆଶଙ୍କା ଥାଏ । ଯେଭଳି ନିଶା କବଳରେ ପଡି ଜଣେ କଣ କରୁଛି ବୁଝିପାରେ ନାହିଁ, ସେହିଭଳି ବସ୍ତୁବାଦର ମୋହ, କ୍ଷମତା ଦଖଲ ଏବଂ ଅହଂକାର ବେଳେ ବେଳେ ବିନାଶର କାରଣ ପାଲଟିଥାଏ । ଯେହେତୁ ମାନବ ଜୀବନ ଏକ ଶ୍ରେଷ୍ଠ ଜୀବନ ତେଣୁ ସମସ୍ତଙ୍କୁ ସମାମ ପାଇଁ କିଛି କରିବାର ଆବଶ୍ୟକତା ରହିଛି । ତା'ରି ଭିତରେ ଆତ୍ମସନ୍ତୋଷ ଲାଭ କରି ସାମର୍ଥ୍ୟ ଭିତରେ ଅନେକ କିଛି କରିହୁଏ । ହେଲେ ସାମର୍ଥ୍ୟ ବାହାରକୁ ହାସଲ କରିବାର ନିଶା ଭୁଲ ମାର୍ଗରେ ଯିବାକୁ ବାଧ୍ୟ କରେ । ଉଦାହରଣ ସ୍ୱରୂପ ଯୋଗ୍ୟତା ଅନୁସାରେ କର୍ମ ନିର୍ଣ୍ଣୟ ନକରି ଆମେ କେବଳ ବଡ ହେବାର ସ୍ୱପ୍ନ ଦେଖି ଚାଲିଲେ ଏହାଦ୍ୱାରା ବାସ୍ତବ କର୍ମ ସମ୍ପାଦନ ହୋଇଥାଏ କି ?

ସମ୍ପାଦକୀୟ
ତାରକ ମହାନ୍ତି

ସଂସାରରେ ଏଭଳି ଅନେକ ବ୍ୟକ୍ତି ଉପାର୍ଜନ ଆରମ୍ଭ ଆଗରୁ ଅଧିକ ଉପାର୍ଜନର ସ୍ୱପ୍ନ ଦେଖିଥାନ୍ତି । ବାସ୍ତବରେ କର୍ମରେ ଏହା ପ୍ରତିପାଦିତ କରିବା କିମ୍ବା ସଫଳତା ପାଇ ନିଜକୁ ପ୍ରମାଣିତ କରିବାର ସାମର୍ଥ ତାଙ୍କ ନିକଟରେ ନଥାଏ । ଅଧିକନ୍ତୁ ଅଧିକ ଖାଇବା ଆଶାରେ କର୍ମକୋଢ଼ି ହୋଇଯାଉଥିଲେ ବି ଏହାକୁ ସ୍ୱୀକାର କରିବାକୁ ସେମାନେ ନାରାଜ । କିଛି ବ୍ୟକ୍ତି ଜୀବନର ଗୂଢ଼ତତ୍ତ୍ୱ, କର୍ମ କରିବାର ପ୍ରଣାଳୀ ବିଷୟରେ ଅବଗତ ନଥିବାରୁ ଭବିଷ୍ୟତ ଜୀବନ ଦୁଃଖମୟ ହୋଇଥାଏ । ଗତାନୁଗତିକ ଧାରାର ବିଶ୍ଳେଷଣ କରି ନିଜକୁ ଆଶ୍ୱାସନା ଦେବାର ପ୍ରବଂଚନାର ଶିକାର କରି ମିଛ ସନ୍ତୁଷ୍ଟିର ସାହାରା ନେଇ ବଞ୍ଚିବାକୁ କଣ କହିହେବ ! ଉଦ୍ଦେଶ୍ୟମୂଳକ ଭାବେ କିଛି ଲୋକ ଅନ୍ୟକୁ ଅସୁବିଧାରେ ପକାଇ ପର ହାଣ୍ଡିର ଭାତ ହଡପ କରି ପେଟ ପାଳନ୍ତି ହେଲେ ନିଜେ ଉଚିତ କର୍ମ କରି ବଞ୍ଚିବାକୁ ଭଲ ପାଆନ୍ତି ନାହିଁ ବୋଲି ଦେଖିବାକୁ ମିଳେ । ଆଉକିଛି ନିଜ ବିଫଳତା ଉପରେ ପରଦା ଢାଙ୍କିବାକୁ ଯାଇ ଅନ୍ୟକୁ ଦୋଷାରୋପ କରି କିଛିଦିନ ଭଲରେ ବଞ୍ଚୁଥିଲେ ବି ଏହାଦ୍ୱାରା ସେମାନଙ୍କ ଅସଲ ଜୀବନ ଦୁଃଖମୟ । ଯେତେଦିନ ପର୍ଯ୍ୟନ୍ତ ମଣିଷ ମନର ଭାବନା ଓ କର୍ମ ସୁସ୍ଥ ଚେତନାରେ ନଥାନ୍ତି, ସେତେଦିନ ପର୍ଯ୍ୟନ୍ତ ନିଜ ଚତୁପାର୍ଶ୍ୱରେ ସୁଖ ବିରାଜମାନ କରିଛି ବୋଲି କହିହେବ ନାହିଁ । ସମୟ ଏଭଳି ଯେ, ଏବେ କେହି କାହାରିକୁ ସହ୍ୟ କରିପାରୁନାହାନ୍ତି । ଅନ୍ୟକୁ ଅସୁବିଧାରେ ପକାଇ ନିଜ ସ୍ୱାର୍ଥ ହାସଲର ସମସ୍ତ ହୀନ ପ୍ରକ୍ରିୟାକୁ ନିଜର କରି, ଅନ୍ୟ ମନରେ ଭୟ ସଞ୍ଚାର କରାଇ ଆଜିର ମଣିଷ ସ୍ୱାର୍ଥ ପଛରେ ଏଭଳି ଯାଇଁଛି ଯେ, ସାମାଜିକ ଦାୟିତ୍ୱ, କର୍ତ୍ତବ୍ୟ ଓ ମାନବିକତାକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦେଇଚାଲିଛି । ଏହାଦ୍ୱାରା ସବୁ କ୍ଷେତ୍ରରେ ଅସନ୍ତୁଳନ, ବ୍ୟଭିଚାର ବଢ଼ିଚାଲିଛି । ପୁଞ୍ଜିବାଦ ବଢ଼ିଚାଲିବା ଦ୍ୱାରା କିଛି ଲୋକଙ୍କ ହାତରେ ଦେଶର ନାଗରିକଙ୍କ ଚୁଟି ରହିଯାଉଛି । ଗଣତନ୍ତ୍ରର ପ୍ରକୃତ ଅର୍ଥ ସାଧାରଣ ଲୋକ ଅନୁଭବ କରିପାରୁନାହାନ୍ତି । ମଣିଷ-ମଣିଷ ମଧ୍ୟରେ ବ୍ୟବଧାନ ଏଭଳି ହୋଇଯାଉଛି ଯେ, ଜଣେ ଇଚ୍ଛା କଲେ ବି ଅନ୍ୟର ସମକକ୍ଷ ମଣିଷଟିଏ ହେବା ସ୍ୱପ୍ନ ସଦୃଶ । ଅର୍ଥ ମଣିଷ ଭିତରେ ଏଭଳି ପାତର ଅନ୍ତର ଦ୍ୱନ୍ଦ୍ୱ ବଢ଼ାଇ ଚାଲିବା ଦ୍ୱାରା ଗରିବ ସାମାନ୍ୟ ରାହା ପାଉଥିଲା ବେଳେ ଧନୀ ବିଳାସ ବ୍ୟସନ ଭିତରେ କାଳାତିପାତ କରୁଛି । ଯେଉଁ ସମସ୍ୟା ଜଣଙ୍କୁ ବ୍ୟଥିତ କରୁଛି, ତାହା ନିକଟ ଲୋକକୁ ଛୁଇଁ ପାରୁନାହିଁ । ମାନବିକତା ସେହି ମାନଙ୍କ କ୍ଷେତ୍ରରେ ଦେଖାଯାଉଛି, ଯେଉଁଠି ଭବିଷ୍ୟତ ସ୍ୱାର୍ଥର ଆଶା ରହିଛି । ନଚେତ ଅଧିକାଂଶ କ୍ଷେତ୍ରରେ ଅର୍ଥ ହିଁ ଜୀବନର ପରିଚୟ ପାଲଟିଗଲାଣି । ଯେଉଁ ଉଦ୍ଦେଶ୍ୟ ନେଇ ଜଣେ ବ୍ୟକ୍ତି ପରିବାର ଗଢ଼ିବାର ସଂକଳ୍ପ ନେଇଥାଏ, ଏଥିପାଇଁ ତମାମ ଜୀବନ ସଂଘର୍ଷ କରେ, ଶ୍ରମ ଦିଏ, ଲୁହ ଲହୁ ନିଗାଡି ଦିଏ, ସମୟ ଆସେ ସେହି ପରିବାର ଅନ୍ୟର ଅହଂକାର ଓ ସ୍ୱାର୍ଥ ଯୋଗୁଁ ଭାଙ୍ଗିରୁଜି ଚୁରମାର ହୋଇପଡେ । ଅତର୍କିତ ସମୟ, ବିତର୍କିତ ଆହ୍ୱାନ ମଣିଷକୁ ଏଭଳି ପଙ୍ଗୁ କରିଦିଏ ଯେ, ନାଚାର ଓ ଅସହାୟତ ହୋଇଯାଏ । ସବୁରି ମୂଳରେ ସ୍ୱାର୍ଥ ଓ ଅହଂକାର ବୋଲି ନିଶ୍ଚୟ ଧରିବାକୁ ପଡିବ । ସ୍ୱାର୍ଥ ରହିତ ଭାବନା, ସ୍ୱଚ୍ଛ ଚିନ୍ତନ ଓ ମୁକ୍ତ ବିଚାରର ସୁଗମ ପଥ ଦେଇ ଗତି କରିବାକୁ ଯେତେବେଳେ ମଣିଷଙ୍କ ଅଭାବ ପଡେ, ସେତେବେଳେ ଅରାଜକତା, ଅନୀତି, ଅନ୍ୟୟ, ବ୍ୟଭିଚାର ଓ ବିଶୃଙ୍ଖଳା ବଢ଼ିବଢ଼ି ଚାଲେ । ବର୍ତ୍ତମାନ ସମୟରେ ସମସ୍ତେ କିଭଳି ଶୃଙ୍ଖଳିତ ଜୀବନ ଯାପନ କରିବେ ତାହା ହିଁ ଆଜିର ଆହ୍ୱାନ ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

ପୋଷ୍ୟ ବିଦ୍ୟାଳୟର କାହାଣୀ : ବଲୁରିଆରୁ ଟାଟା ନଗର

ବାଦଲ ଭୂୟାଁ

ରାଜ୍ୟ ସରକାରଙ୍କ ପୋଷ୍ୟ ବିଦ୍ୟାଳୟ ଯୋଜନା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ରାଜନେତା, ପ୍ରଶାସକ, ବିଚାରପତି ଓ ପୋଲିସ ଅଧିକାରୀ । ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି କେନ୍ଦ୍ରାପଡ଼ାର ଝିଅ ମିଶନ ଶକ୍ତି ନିର୍ଦ୍ଦେଶିକା ତଥା ଜଣେ ସୁଦକ୍ଷ ଓ ଲୋକପ୍ରିୟ ଆଇଏଏସ୍ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ୍ । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଲୁରିଆ ସ୍କୁଲକୁ ଏହି ଲୋକପ୍ରିୟ ଆଇଏଏସ୍ ପୋଷ୍ୟ ଭାବେ ଗ୍ରହଣ କରିବା ପରେ ଏହାର ମହକ ବଲୁରିଆରୁ ଝାଡ଼ଖଣ୍ଡର ଟାଟା ନଗର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି । ବଲୁରିଆ ବିଦ୍ୟାଳୟଟି ରାତାରାତି ଚର୍ଚ୍ଚାକୁ ଆସିଛି ଏଇଥିପାଇଁ ଏହା ପଛରେ ରହିଛି ଜଣେ ଲୋକପ୍ରିୟ ଓ ଭଗବାନ ସଦୃଶ ଶିଶୁରୋଗ ବିଶେଷଜ୍ଞଙ୍କ ଅବଦାନ, ତ୍ୟାଗ ଓ ସ୍ୱୀକୃତି । ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଲୁରିଆ ସରକାରୀ ହାଇସ୍କୁଲ ସ୍ଥାନୀୟ ଅଞ୍ଚଳର ଏକ ଗରିମାମୟ ପୁରାତନ ହାଇସ୍କୁଲ ଭାବେ ପରିଚିତ । ଚବିଶ ଡେସିମିଲ ପରିମିତ ଜାଗାରେ ବ୍ରିଟିଶ ଶାସନ ସମୟରେ ଆତ୍ମ ପ୍ରକାଶ କରିଥିବା ଏହି ବିଦ୍ୟାଳୟରେ ପ୍ରଥମେ ଚତୁର୍ଥରୁ ସପ୍ତମ ଓ ପରେ ହାଇସ୍କୁଲ ଶିକ୍ଷା ଆରମ୍ଭ ହୋଇଥିଲା । ୧୯୪୫ ମସିହାରେ ଏଠାରେ ପ୍ରଥମେ ଚତୁର୍ଥରୁ ସପ୍ତମ ଶ୍ରେଣୀ ଯାଏ ପାଠପଢ଼ା ଆରମ୍ଭ ହୋଇଥିଲା । ୧୯୫୭ ମସିହାରେ ଅଷ୍ଟମ, ନବମ ଓ ଦଶମ ତିନୋଟି ଶ୍ରେଣୀ ଖୋଲିବା ପରେ ସ୍ଥାନୀୟ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇବାର ସୁଯୋଗ ପାଇଲେ । ଏହି ଅଞ୍ଚଳଟି ନଦୀନାଳ ଓ ଦୁର୍ଗମ ରାସ୍ତାଘାଟର ଦୁରାବସ୍ଥା ଭିତରେ ଛାତ୍ରଛାତ୍ରୀଙ୍କ ପାଇଁ ଅତି କଷ୍ଟକର ହେଉଥିଲା ଦୂର ବିଦ୍ୟାଳୟକୁ ଯାଇ ପାଠ ପଢ଼ିବା ନିମିତ୍ତ । ଏହି ବିଦ୍ୟାଳୟରୁ ପାଠ୍ୟକ୍ରମ ଶେଷକରି ଅନେକ କୃତୀତ୍ୱ ବିମଣ୍ଡିତ ଛାତ୍ରଛାତ୍ରୀ ବର୍ତ୍ତମାନ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ମର୍ଯ୍ୟଦା ଦାୟକ ପଦପଦବୀରେ ବିମଣ୍ଡିତ ହୋଇଛନ୍ତି । ଏହା ସହ ସେମାନେ ନିଜ ଅଞ୍ଚଳର ଗୌରବ ବଢ଼ାଇବା ସହ ପ୍ରଗତିରେ ନିଜକୁ ସାମିଲ କରିଛନ୍ତି । ଅନେକ ଓଡ଼ିଆ ବା ସହୃଦୟ ପାଠକ ଜାଣିନଥିବେ ଯେ ମିଶନ ଶକ୍ତିର ନିର୍ଦ୍ଦେଶିକା ଥିବା ଲୋକପ୍ରିୟ ଆଇଏଏସ୍ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କର ବାପା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅକ୍ଷୟ ରାଉତ ଏହି ବିଦ୍ୟାଳୟରେ ତାଙ୍କ ପାଠ୍ୟପଢ଼ା ଖଡ଼ି ଜୀବନର ଅୟାମାରମ୍ଭ ହୋଇଥିଲା । ଏହିଠାରୁ ସେ ବିଦ୍ୟା ଆରମ୍ଭ କରି ହାଇସ୍କୁଲ ଶିକ୍ଷା ଶେଷ କରିଥିଲେ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ପିଲାଟି ଦିନରୁ ତାଙ୍କ ମେଧାଶକ୍ତି ଓ ଅଧ୍ୟବସାୟ ଜଣାପଡ଼ିଥିଲା । ତାଙ୍କ ଅସାଧାରଣ ପ୍ରତିଭା ସେ ସମୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ବିମୋହିତ କରିଥିଲା । ବିଦ୍ୟାଳୟର ପ୍ରତିଟି ଶ୍ରେଣୀରେ କୃତୀତ୍ୱର ସହ ଭଲ ମାର୍କ ରଖିବା ସହ ତାଙ୍କ ବିନମ୍ର ଓ ସହପାଠୀଙ୍କ ସହ ଅନ୍ତରଙ୍ଗ ବନ୍ଧୁତ୍ୱ ଅନ୍ୟମାନଙ୍କୁ ଆନନ୍ଦର ମହକ ଯୋଗାଉଥିଲା । ସେ କେବଳ ନିଜ ପାଠ୍ୟ ସାଥୀ ନୁହେଁ ବରଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଆଦର ଓ ସ୍ନେହର ଯୋଗ୍ୟ ହୋଇପାରିଥିଲେ ।

କେନ୍ଦ୍ରାପଡ଼ାର ଅଗମ୍ୟ ମଫସଲ ସେ ସମୟର ବଲୁରିଆରୁ ଝାଡ଼ଖଣ୍ଡର ଟାଟା ନଗର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅକ୍ଷୟ ରାଉତଙ୍କ ଯାତ୍ରା ଅନେକ ପ୍ରତିବନ୍ଧକ ଭିତରେ ଆଗେଇଥିଲା । ନିଜ ମାଟି ମୂଳକ ପାଇଁ ସେବା କରିବା ନିଜ ରାଜ୍ୟର ଗରିବ, ଅସହାୟ ଶିଶୁମାନଙ୍କ ଚିକିତ୍ସା କରିବାର ବ୍ରତକୁ ସେ ଜୀବନର ଧର୍ମ କରିଥିଲେ । ସେ ସମୟରେ ଉଚ୍ଚଶିକ୍ଷା ପାଇଁ ଅନେକ ଅନ୍ତରାୟ ସବୁ ଉପୁଜୁଥିଲା । ଆଜିକା ସମୟ ପରି ପାଠ୍ୟକ୍ରମର ଏତେ ସୁଲଭତା ଉପଲବ୍ଧ ହେଉନଥିଲା । ହେଲେ ତୀକ୍ଷ୍ଣ ମେଧାସମ୍ପନ୍ନ ବୌଦ୍ଧିକ ଗୌରବର ପ୍ରତୀକ ଡାକ୍ତର ଅକ୍ଷୟ ରାଉତ ନିଜ ଜୀବନକୁ ସମାଜର ସେବା ପାଇଁ ବ୍ରତ ରୂପେ ପଣ କରିଥିଲେ । ଓଡ଼ିଶା ସହ ଝାଡ଼ଖଣ୍ଡର ଟାଟାନଗର ହେଉଛି ତାଙ୍କର କର୍ମସ୍ଥଳୀ । ଏହି ଟାଟାନଗରରେ ସେ ଜଣେ ଶିଶୁରୋଗ ବିଶେଷଜ୍ଞ ଓ ଜଣେ ସମାଜ ସେବକ ଭାବେ ବେଶ ପ୍ରତିଷ୍ଠିତ । ତେବେ ବଲୁରିଆ ବିଦ୍ୟାଳୟ ସରକାରୀ ମାନ୍ୟତା ପାଇଥିଲେ ମଧ୍ୟ ଅନେକ ସମସ୍ୟାକୁ ସାମ୍ନା କରୁଥିଲା । ଏହି ବିଦ୍ୟାଳୟରେ ମଞ୍ଜୁର ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ପାଖାପାଖି ୫୦ ପ୍ରତିଶତ କମ୍ ରହିଛନ୍ତି । ଗୁରୁତ୍ୱପୂର୍ଣ୍ଣ ନବମ ଓ ଦଶମ ଶ୍ରେଣୀ ପାଇଁ ମାତ୍ର ଚାରିଜଣ ଶିକ୍ଷକ ଶିକ୍ଷୟିତ୍ରୀ ଦାୟିତ୍ୱରେ ରହିଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରଲେଖା ବେଉରାଙ୍କ ବ୍ୟତୀତ କଳା ଓ ବିଜ୍ଞାନରେ ଜଣେ ଓ ଜଣେ ମାତ୍ର ହିନ୍ଦୀ ଶିକ୍ଷୟିତ୍ରୀ ଅଛନ୍ତି । ଏହି ବିଦ୍ୟାଳୟରେ କଳା, ବିଜ୍ଞାନ, ସଂସ୍କୃତ ଓ ଖେଳ ଶିକ୍ଷକ ନଥିବାରୁ ପିଲାମାନେ ଅସୁବିଧା ସାମ୍ନା କରିବା ସହ ବିଦ୍ୟାଳୟର କିରାଣୀ ନଥିବାରୁ ଅନେକ ଅସୁବିଧା ସୃଷ୍ଟି ହୋଇଥାଏ । ଯାହାପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଫିସ କାଗଜପତ୍ର ବୁଝିବାକୁ ବାଧ୍ୟ ହୁଅନ୍ତି । ସେହିପରି ବିଦ୍ୟାଳୟରେ ପାନୀୟଜଳ, ପରିମଳ ଅସୁବିଧା ସହ ଶ୍ରେଣୀ ଗୃହର ଅଭାବ ରହିଥିଲା । ଏସବୁ ଜାଣିବା ପରେ ଆଇଏଏସ୍ ଶ୍ରୀମତୀ ପାଣ୍ଡିଆନ ମୋ ସ୍କୁଲ ଅଭିଯାନ ଅଧୀନରେ ନିଜ ଗାଁର ଏହି ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବା ପରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହ ସର୍ବାଙ୍ଗୀନ ଉନ୍ନତିର ଆଶା ସୃଷ୍ଟି ହୋଇଛି । ଏ ନେଇ ସ୍ଥାନୀୟ ପ୍ରଶାସନ ମଧ୍ୟ ତତ୍ପର ହୋଇଛନ୍ତି । ସୂଚନାଥାଉକି ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୩ଜଣ ଛାତ୍ରଛାତ୍ରୀ ଓ ନବମ ଓ ଦଶମ ଶ୍ରେଣୀରେ ୧୨୫ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଞ୍ଚଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାବେଳେ ପ୍ରାଥମିକ ସ୍କୁଲ ପାଇଁ ତିନିଜଣ ଓ ହାଇସ୍କୁଲ ପାଇଁ ବିଷୟଭିତ୍ତିକ ଶିକ୍ଷକ, କିରାଣୀ ଓ ପିଅନଙ୍କ ଆବଶ୍ୟକତା ରହିଛି । ଜଳ, ପରିମଳ, ଟୟଲେଟ, ରିଡିଂରୁମ୍, ଉନ୍ନତ ଖେଳପଡ଼ିଆ ସହ ଷ୍ଟାଡିୟମ୍‌ର ଆବଶ୍ୟକତା ମଧ୍ୟ ରହିଛି । ସୁଦକ୍ଷ ଆଇଏଏସ୍ ଶ୍ରୀମତୀ କାର୍ତ୍ତିକେୟଙ୍କ ପିତା ସ୍ୱର୍ଗତଃ ଡାକ୍ତର ଅକ୍ଷୟ କୁମାର ରାଉତଙ୍କ ସ୍ମୃତିରେ ତାଙ୍କ ସୁକନ୍ୟା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିପାରିଲେ ବହୁ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି ହେବାସହ ତାଙ୍କ ପିତାଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସ୍ଥାନୀୟ ଅଧିବାସୀ ଓ ଶିକ୍ଷାବିତ୍‌ମାନେ ମତ ଦିଅନ୍ତି । ନିଜ ଜନ୍ମମାଟି ପିଲାଦିନର ଖଡ଼ି ଛୁଇଁ ଥିବା ବିଦ୍ୟାଳୟ ପ୍ରତି ଆଗ୍ରହ ରଖିବା ଓ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କ ଏହି କାର୍ଯ୍ୟକ୍ରମ ପ୍ରଶଂସନୀୟ ନିଶ୍ଚୟ ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ'
୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼,
ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

ବେସରକାରୀ ଡାକ୍ତରଖାନାର ଅଗ୍ନିକାଣ୍ଡ

ଶ୍ୟାମସୁନ୍ଦର ସାମଲ

କିଛି ବର୍ଷ ତଳେ ଭୁବନେଶ୍ୱରର ଏକ ବଡ଼ ବେସରକାରୀ ଡାକ୍ତରଖାନାରେ ନିଆଁ ଲାଗିଥିଲା । କଥାରେ ଅଛି ନିଆଁ ଲାଗିଲେ ଧୂଆଁ ଉଠିବା ପରି କିଛିଦିନ ହୋ ହଲ୍ଲା, ତୁମ୍ବି ତୋଫାନ ଚାଲେ । ଗଣମାଧ୍ୟମରେ ବଡ଼ ବଡ଼ ଖବର ପ୍ରକାଶ ପାଏ, ତଦନ୍ତ ହୁଏ, ଅନେକ ପ୍ରତିଶ୍ରୁତି ମିଳେ ତାପରେ ସବୁ ଚୁପ୍‌ଚାପ । କଟକରେ ମଧ୍ୟ କିଛିଦିନ ତଳେ ଜଗତ୍‌ପୁର ଏକ ଘରୋଇ ହସ୍ପିଟାଲରେ ବ୍ୟାପକ ଭାବରେ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ହୋଇଥିଲା । ତେବେ ବଡ଼କଥା ହେଉଛି ଅଗ୍ନିନିର୍ବାପକ ପ୍ରମାଣପତ୍ର ବିନା ଅନେକ ବେସରକାରୀ ଡାକ୍ତରଖାନା ଚାଲୁଥି

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର

ବେଳ ଭଲ ନାହିଁ

ବୁଝିଲୁ ଏସବୁ କଳିକାଳର ଲକ୍ଷଣ। ଘୋର କଳିକାଳ, ମାଳିକା କଥା ତ ସବୁ ଗୋଟି ଗୋଟି ସତ ହୋଇ ହୋଇକା ଚାଲିଛି, ଦେଖ ଆଗକୁ କ'ଣ ସବୁ ହେଉଛି ?

ଆଚ୍ଛା ଗୋଲେଖ ଭାଇ, ତମେ ତ ରେଲୱେରେ ଚାକିରି କରିଥିଲ, ଚାକିରି ସମୟରେ ତମ ବଡ ହାକିମମାନଙ୍କୁ ସଲାମ ଠୁଙ୍କି ଥିବ। ସଲାମ ଠୁଙ୍କିଲା ବେଳେ ତମର ବଡ ହାକିମ କେଉଁ ଜାତିର ବୋଲି କେବେ ପଚାରିଛ କି ? ନା-ଜାତି ଜାଣିବା ପରେ ତାଙ୍କୁ ସଲାମ କରିନ ?

ଆରେ ବିଦେଶ କଥା ଓ ଗାଆଁ କଥା ଭିନ୍ନ। ସେଠି ତ ଚାକିରି ନାଆଁରେ ଆମେ ମୁଣ୍ଡ ବିକିଥିଲୁ। ଯିଏ ହାକିମ ଆମେ ତା' ମର୍ଜିରେ ଚାଲୁଥିଲୁ। ହାକିମଙ୍କର କ'ଣ କୌଣସି ଜାତି ଥାଏ ?

ଏବେ ବାଟକୁ ଆସିଲ। ଚାକିରିରେ ମୁଣ୍ଡ ବିକିଥିଲ ବୋଲି ହେଉ ଅବା ପେଟପାଟଣା ଚାଲିଯିବାର ଭୟରେ ହେଉ ହାକିମଙ୍କ ମର୍ଜି ଜଗି ଚଳୁଥିଲ। ଯିଏ ରାଜନୀତି କରୁଛି ତା'ର ତ ପଣି ହାକିମ ଅଛନ୍ତି ?

ବୁଝିଲ ଦଶରଥ ତୁ ମାଷ୍ଟ୍ର ଚାକିରି କରି ଅବସର ନେବା ପରେ ମଧ୍ୟ ତୋର ସେହି ମାଷ୍ଟ୍ରି ଢଙ୍ଗ ଓ ବୁଦ୍ଧି ରହିଗଲା। ମିଛରେ କ'ଣ କୁହନ୍ତି ଯେ ବାରବର୍ଷ ମାଷ୍ଟ୍ର ଚାକିରି କଲା ଲୋକେ କୋର୍ଟରେ ସାକ୍ଷୀ ଦେବାକୁ ବି ଯୋଗ୍ୟ ରହେ ନାହିଁ। ଆରେ ରାଜନୀତି ତ ସ୍ୱାଧୀନ ବୃତ୍ତି, ଏଥିରେ ହାକିମ କିଏ ?

ମୁଁ ଭାବୁଥିଲି ଆମେମାନେ ଗାଆଁରେ ଚାକିରି କରି ଗାଆଁରେ ରିଟାୟାର୍ଡ ହେଲୁ, ତେଣୁ ବାହାର ଦୁନିଆଁକୁ ବେଶୀ ଦେଖିପାରିଲୁ ନାହିଁ କି ବାହାର ଦୁନିଆଁର ଚାଲିଚଳନ, ଆଦବ କାଇଦା ଓ ଜୀବନ ବିଷୟରେ ଆମମାନଙ୍କର ଅନୁଭୂତି ଖୁବ୍ କମ୍ ରହିବା ସ୍ୱାଭାବିକ। ମାତ୍ର ମୁଁ ଦେଖୁଛି ଆମଠାରୁ ବି ଆହୁରି କମ୍‌ରେ ଅଛନ୍ତି ବାହାରେ ଚାକିରି କରି ଆସିଥିବା ଲୋକ। ଭାରତରେ ରେଳଗାଡି ତ ପଛୁଆ ସମୟରେ ଚାଲେ, ମାତ୍ର ସେଥିରେ ଚାକିରି କରିଥିବା ଲୋକମାନେ ଯେ ଏତେ ପଛରେ ଅଛନ୍ତି ସେ ଧାରଣା ମୋର ନଥିଲା।

ବେଶୀ ବଡ ବଡ କଥା କନା ଦଶରଥ। ତୁ ତ ରାଜନୀତି କ'ଣ ଜାଣିନୁ ସେଥିପାଇଁ ରାଜନୀତିରେ ହାକିମାତି କଥା କହୁଛୁ।

ମୁଁ ବଡ଼ ବଡ଼ କଥା କହୁନି ଗୋଲେଖ ଭାଇ, ଚାକିରି ଠାରୁ ବି ବେଶୀ ହାକିମାତି ରାଜନୀତିରେ, ସେଠି କୁଜି ଅସରପା ଉପରେ କାଣୀ ବିଲେଇ ରାଜା। ୱାର୍ଡ ମେମ୍ବର ଠାରୁ ପ୍ରଧାନମନ୍ତ୍ରୀ ଯାଏ ଥାକ ଥାକିକିଆ ହାକିମ। ପାର୍ଟି, ହାଇକମାଣ୍ଡ ଏମିତି କେତେ କ'ଣ ? ସବୁରି ଉପରେ ବଡ ହାକିମ ହେଲେ ଭୋଟର। ଅବଶ୍ୟ ଭୋଟ ଖଣ୍ଡକ ଦେବା ପର୍ଯ୍ୟନ୍ତ। ଥରେ ଭୋଟ ଦେବା ପରେ ପାଞ୍ଚବର୍ଷ ଯାଏଁ ସେମାନେ ବନି ଯାଆନ୍ତି ଗୋଲାମ। ହେଲେ ଭୋଟ ପୂର୍ବରୁ ଭୋଟରଙ୍କ ହାକିମାତି କେତେ ଯିଏ ରାଜନୀତି କରୁଛି ସିଏ ଜାଣୁଛି। କେତେ ବଡ ବଡ ନେତାଙ୍କ ନାକ ଘଷାଇଛନ୍ତି ଏ ଭୋଟର। ଏଇ ଅଳ୍ପବର୍ଷ ତଳର କଥାକୁ ତମେ ଏତେ ଶୀଘ୍ର ଭୁଲିଗଲ ? ମନରେ ନାହିଁ ଏଇ ଭୋଟରମାନେ ଇମରଜେନ୍‌ସିକୁ ବିରୋଧ କରି କେମିତି ନାକ ରଗଡାଇଲେ ନେତାଙ୍କୁ। ଗାଈ ସହିତ ବାଛୁରୀକୁ ବି ହରାଇଲେ। ଆଉ ଆଇ ଆମ ଅଟଳ, ନୂଆନୂଆ ଘୁଅ ଖାଇବାକୁ ଯାଉଥିବା ଡାହାଣୀ, ତାକୁ ନାକ ଘଷେଇବାକୁ ଏ ଗାଆଁ ବାଲାଙ୍କୁ କେତେ କେତେ ସମୟ ଲାଗି ଥାଆନ୍ତି।

ଦଶରଥ ଠିକ୍ କହୁଛି ଗୋଲେଖ ଭାଇ। ମୁଁ ଏବେ ତ ଭାବୁଛି ଅଟଳ ସେତେବେଳେ ଜିତିବା ପାଇଁ ଯାହା କରିଥିଲା ଠିକ୍ କରିଥିଲା ବୋଲି।

ହଁ, ତୁ କେମିତି କହିବୁନି ଠିକ୍ କରିଥିଲା ବୋଲି। ତୁ ବି ସେ ଇ ମାଷ୍ଟ୍ର ନା, ଫରକ ଦଶରଥ ଚାକିରି ସରିବାରୁ ଅବସର ନେଲା, ତୁ ଚାକିରି ଥାଉ ଥାଉ ଅବସର ନେଲୁ ପୁଅକୁ ଚାକିରି ଦେବା ପାଇଁ। ବୁଦ୍ଧିତ ପାଖାପାଖି ସମାନ ରହିବ ନା। ଆରେ ଯେଉଁମାନେ ଦିନେ ସାହସ କରି ଆମ ଘରର ପିଣ୍ଡା ଉପରକୁ ଉଠୁନଥିଲେ, ଇଏ ସେମାନଙ୍କ ଘରେ ବସି ଚା' ପିଇଲା, ହାଣ୍ଡିରୁ ପଖାଳ ଖାଇଲା, ସେମାନଙ୍କ ମଧ୍ୟରୁ ପଂଝାଏଙ୍କ କାନ୍ଧରେ ହାତ ପକାଇ ବଡିଗାର୍ଡ କରି ବୁଲାଇଲା। ଭୋଟ ତ ଏବେ ସରିଗଲା, ଆଗକୁ ଦେଖ କ'ଣ ହେଉଛି, ସେମାନେ କ'ଣ ଆଉ ଇନ୍ଦ୍ର ଚନ୍ଦ୍ର ମାନିବେ ?

(କ୍ରମଶଃ)

ନିଶା

ଅନିତା ମିଶ୍ର ଦାଶ୍

ସବୁ ଭୋଜି ଗହଳିରେ ଦେଖିଛି, ସାଧନା ମାଉସୀ ଗୋଟିଏ ଚିଆର୍‌କୁ ଅକ୍ତିଆର କରି ବସିଥିବେ। ପାଖ ଚିଆରଟିଏ ଖାଲି ହୋଇଗଲେ, ସେଇଟିକୁ ବି ଅକ୍ତିଆରକୁ ନେଇଯିବେ। ଡାକ ପକାଇବେ, ମଉସାଙ୍କୁ। ସେଇ ପାଖରେ ଅପେକ୍ଷା କରିଥିବା ମଉସା, ଆସିବେ ସିନା, ମର୍ଦ ପଣିଆ ଦେଖେଇ କହିବେ... କାହିଁକି ଏଇ ଗହଳିଟାରେ ହାକିମ ଭଳିଆ ଡାକ ପକଉଛୁ... ? ବାହାରେ ବୁଦ୍ଧିଟା ଚିହ୍ନା ନ ପକେଇଲେ କ'ଣ ଭଲ ଲାଗୁନି... ? ମଉସାଙ୍କର ଏ ସବୁ ତାଚ୍ଛଲ୍ୟ ଭରା କଥାବାର୍ତ୍ତା ଆଡେ ମାଉସୀଙ୍କର ଧ୍ୟାନ ନଥାଏ। ସେ କେବଳ ମାଉସୀଙ୍କୁ ବସାଇ ଗଣ୍ଡିଏ ଖୁଆଇବା କାମରେ ଲାଗି ଥାଆନ୍ତି। ତାଙ୍କର ଝିଅ, ଦୁଇଟି ଥାଳିରେ ଖାଦ୍ୟ ଧରି ପାଖରେ ପହଞ୍ଚିଯାଏ। ବାପା, ମାଆଙ୍କୁ ଖାଇବାକୁ ଦେଇ ପୁଣି ଆଇସ୍‌କ୍ରିମ୍ ପାଖରେ ଲାଇନ୍ ଲଗାଏ। ଆଇସ୍‌କ୍ରିମ୍ ମନ ଭରି ଖୋଇ ସାରିବା ପରେ ପାଣି କିଛି ପ୍ୟାକେଟ୍ ଆଣି ଦିଏ। ଏହି ଦୃଶ୍ୟ ସବୁ ଭୋଜିରେ ଦେଖିବାକୁ ମିଳେ। ମାଉସୀଙ୍କର ଝିଅକୁ ଦେଖିଲେ ମନରେ ଭାବେ, ବାପା, ମାଆ, ଦୁଇଜଣ ଠିଆ ହୋଇ ଖାଇ ପାରିବେନି ବୋଲି ଝିଅଟି ଗଣ୍ଡିଏ ଖୋଇବା ପାଇଁ ଚେଷ୍ଟା କରୁଛି। ଏଇ ଦୃଶ୍ୟଟି ମୋର ମନରେ ଗଭୀର ପ୍ରଭାବ ପକାଇଥିଲା। କେବଳ ଏଇ ମାଉସୀଙ୍କର ପରି ଆହୁରି କେତେ ଲୋକ ଖଣ୍ଡିଏ ଖାଇବେ ବୋଲି, ମୁଁ ପୁଅ ବ୍ରତରେ କିଛି ଲୋକଙ୍କୁ ବସି ଖାଇବାର ବ୍ୟବସ୍ଥା କରିଥିଲି। ଆମର ଭୋଜିରେ ମାଉସୀ ଝିଅକୁ ଆଉ ବାପା ମାଆଙ୍କର ଖାଇବା କଥା ବୁଝିବାକୁ ପଡିଲା ନାହିଁ। ମାଉସୀ ନିଜେ କହିଲେ... ତୋର ଭୋଜି ପରି ସମସ୍ତେ ଆମର ବୁଢ଼ା, ବୁଢ଼ୀଙ୍କର ଖାଇବା ବ୍ୟବସ୍ଥା ଟିକିଏ କରିଦେଲେ କେତେ ଭଲ ହୁଅନ୍ତା। ଖାଲି ଡାକି ଦୋଉଛନ୍ତି, ଠିଆ ହେଇକିରି ଖାଇଲେ ଖାଅ ନ ହେଲେ ଯାଅ...। ଭାରି କଷ୍ଟ ହୋଉଛି ଭୋଜିରେ। ଝିଅଟା ଆଗ ଆମ ବାପ, ମାଆ ଦିଇଟାକୁ ଖୋଉଛି, ତା'ପରେ ଯାଇ ଖାଉଛି। ଆଉ କିଛିଦିନ ପରେ ଆଉ ଗୋଟିଏ ଭୋଜିରେ ଦେଖିଲି, ମାଉସୀ ଆଉ ମଉସା ଚିଆର ଅକ୍ତିଆର କରି ବସିଛନ୍ତି ସିନା ତାଙ୍କର ଝିଅ ଆଉ ଖାଦ୍ୟ ଭରା ପ୍ଲେଟ ଧରି ତାଙ୍କର ପାଖକୁ ଆସୁନି। ତାଙ୍କର ଝିଅ କୋଉଠି ଅଛି, ଖୋଜିବାରେ ଲାଗିଲି। ଦେଖିଲି, ସେ ନିଜର ମିଷ୍ଟର ସହିତ ଭୋଜି ଖାଇବାରେ ଲାଗିଛି। ସେପଟେ ମାଉସୀ, ତାଙ୍କର ମିଷ୍ଟର ସହିତ ଇଏ ଖାଇବା ଦେଲେ, ଖାଇବେ ବୋଲି ଜଗିଛନ୍ତି। ଅଳ୍ପ ଦୂରରେ ରହି କେବଳ ମାଉସୀ ଝିଅକୁ ଦେଖିଲି। ସେମାନେ ପତି, ପତ୍ନୀଙ୍କର ଖାଇବା ସରିଲା। ସେମାନେ ଗାଡି ପାଖକୁ ଚାଲିଗଲେ। ଏ ସବୁ ଦେଖି, ମୁଁ ଧାଇଁଲି ମାଉସୀ ପାଖକୁ ଆଉ କହିଲି... ମିତା ଆଉ ଜ୍ୱାଇଁ ଖାଇ ସାରି ଚାଲିଗଲେ...! ମାଉସୀ କହିଲେ.. ଆମେ ବାପା ମାଆ ଦିଇଟା ନ ଖାଇ ବସିଛୁ, ସେ ଖାଇଲା ଚାଲିଗଲା। ଆଗତ ଆମ ଦି ଜଣଙ୍କୁ ଖୋଇଲେ ଖାଉଥିଲା। ମୁଁ ତ ଥାଳି ଧରି ଖାଇବା ଆଣି ପାରିବିନି। ମାଉସୀ ବି ସେମିତି ଆଣିବାକୁ ଚାଲିଗଲେ, ତାଙ୍କର ଚିଆରେ କିଏ ବସି ପଡିବ। ଠିଆରେ ସେ ଖାଇବି ପାରିବେନି। ମୁଁ ଚାଲିଲି, ମଉସା ମାଉସୀଙ୍କର ପାଇଁ ଖାଇବା ଆଣିବାକୁ। ଦୁଇଟି ପ୍ଲେଟ୍‌ରେ ଖାଦ୍ୟ ଆଣିଲି, ଗୋଟିଏ ମଉସାଙ୍କୁ ଆଉ ଗୋଟିଏ ପ୍ଲେଟ୍ ମାଉସୀଙ୍କୁ ଦେଲି। ସେମାନେ ଖାଇଲେ। ଆଇସ୍‌କ୍ରିମ୍ ପାଖରେ ଲାଇନ୍ ଲଗେଇ ତାଙ୍କୁ ଖୋଇଲି। ସେମାନେ ଖାଉ ଥିବାବେଳେ ମିତାର ସ୍ୱଭାବରେ ଏତେ ପରିବର୍ତ୍ତନ କଥା ଆଲୋଚନା କଲି। ମାଉସୀ କହିଲେ... ତା'ର ପୁଅଟା ଚାକିରି ପାଇଗଲା ବୋଲି ମିତା ଆଉ ଆମକୁ ଆଉ ଆଖିରେ ଚାହୁଁନି। ସେଥିପାଇଁ ବାପ, ମାଆ ପଟେ ନ ଚାହିଁ ଚାଲିଗଲା। ପୁଣି ତାଙ୍କର ଏବେ ନୂଆ କାର କିଣିଲେଣି, ସେଥିପାଇଁ। ଆମ ସହିତ କଥା ହେଲେ, ଆମକୁ ନେଇ ଘରେ ଛାଡିବାକୁ ପଡିବ। ନ ଚିହ୍ନିଲା ଭଳିଆ ଚାଲିଗଲେ, ଗଲା। ତା'ର ପୁଅଟା ଚାକିରି ନ ପାଇ ବସିଥିଲା ବୋଲି ମୁଁ ଲକ୍ଷେ ଦିଅଁକୁ ଡାକୁଥିଲି। ଦିଅଁ, ନାତିକୁ ବି ଚାକିରି ଦେଲେ, ନିଜ ଝିଅଟାକୁ ହାତରୁ ଖସାଇଦେଲେ। ତାଙ୍କ କଥା ଶୁଣି ମୁଁ କହିଲି... ମିତା ପୁଅର ଚାକିରି ହୋଇଗଲା ଆଉ ଜ୍ୱାଇଁ ନୂଆ ଗାଡି କିଣିଦେଲେ ବୋଲି ମିତା ତୁମକୁ ଆଉ ଖାଇବା ଦେଉନି... ? ଏ ଗାଡି ଆଉ ଚାକିରି ବି ଭାଙ୍ଗି ଦେଉଛି, ମାଆ ଝିଅ ରକ୍ତର ସମ୍ପର୍କ... ? ଏ ସବୁ ତା ହେଲେ ଜମା ଭଲ ଜିନିଷ ନୁହେଁ...! ଆଉ କିଛିବର୍ଷ ପରେ ଆଉ ଗୋଟିଏ ଭୋଜିରେ ଦେଖିଲି, ମିତା ପୁଣି ଖାଦ୍ୟ ପ୍ଲେଟ୍ ଧରି ମଉସା, ମାଉସୀଙ୍କର ପାଖକୁ ଯାଉଛି। ମନ ଜାଣିବାକୁ ଚାହିଁଲଶ। ଏବେ ଆଉ ଥରେ କ'ଣ ହେଲା... ? ମିତା ପୁଅର ଚାକିରି ଚାଲିଗଲା, ନା ତାଙ୍କର କିଣିଥିବା ଗାଡିଟା ଚୋରି ହେଇଗଲା... ? ମିତା ଆଇସ୍‌କ୍ରିମ୍ ପାଖରେ ଯାଇ ଲାଇନ୍ ଲଗାଇଥାଏ। ମୁଁ ମାଉସୀ ପାଖକୁ ଯାଇ କହିଲି... ମୁଁ ତୁମ ପାଇଁ ଆଉ ମଉସାଙ୍କ ପାଇଁ ଖାଇବା ଆଣିବା ପାଇଁ ଆସୁଥିଲି। ଦେଖିଲି, ମିତା ତୁମକୁ ଖାଇବା ଦେଇ ସାରିଲାଣି। ମିତାର ପୁଅ ଚାକିରି ପାଇଲା ଆଉ ଜ୍ୱାଇଁ ଗାଡି କିଣିଲେ ବୋଲି ପରା ମୁହଁ ଆଡୋଉ ଥିଲା... ? ଏବେ ଆଉ ଥରେ କ'ଣ ହେଲା... ? ପୁଅର ଚାକିରି ଚାଲିଗଲା, ନା ଗାଡିଟା ହଜିଗଲା... ? ମାଉସୀ ଧୀର ସ୍ୱରରେକହିଲେ... ତୁ ଜାଣିନୁ କି... ? ମିତାର ପୁଅ ନିଜ ଇଚ୍ଛାରେ ଟୋକିଟିଏ ଘରକୁ ନେଇ ଆସିଲାଣି। ଭୋଜି ନାହିଁ, କି ଭାତ ନାହିଁ, କିଛି ନାହିଁ, ମିତାର ବୋହୂ ଆସି ଘରେ ହାଜର। ବୋହୂକୁ ଦେଖି, ମିତାର ସବୁ ନିଶା ଉଡୁରି ଗଲା। ଘରୁ ଗାଡିରେ ଆମକୁ ଯାଇ ଆଣିଲା, ଏବେ ଆଉଥରେ ଆମକୁ ଘରେ ବି ଛାଡିବ। ଖାଇବା ବି ଏବେ ଆଣି ଦୋଉଛି। ନାତୁଣୀ ବୋହୂ, ଆମର ମାଆ, ଝିଅ ସମ୍ପର୍କକୁ ଆଉଥରେ ସଜାଡି ଦେଲା। ଦିଅଁ ଡାକି ତା'ର ବର ପାଇଁ ଚାକିରି କରେଇ ଥିଲି ପରା ?

ବ୍ରହ୍ମପୁର, ଓଡ଼ିଶା

କବିତାର କଥା

(ଭାଗ-୫)

ଉମାକାନ୍ତ ରାଉତ



ରସୋ ବୈସଃ...ରସୋ ବୈସଃ...

ପୃଥିବୀର ମୁକ୍ତ ଅର୍ଥନୀତି ଓ ଉପଭୋକ୍ତାବାଦୀ ବଜାର ସଭ୍ୟତାର ବଜାରି ଜୟଜୟକାର ଧାସରେ ଧୂଳିମାଟିର ଜନଜୀବନ, ମାନବୀୟ ସମ୍ବେଦନା ଓ ମାଟିମଣିଷର ମାନବବାଦୀ ଦୃଷ୍ଟିକୋଣ ପ୍ରତି ଶ୍ରଦ୍ଧାଶୀଳ ଅଭିବ୍ୟକ୍ତି ସାହିତ୍ୟରୁ କ୍ରମଶଃ ବିଦାୟ ନେବାକୁ ବସିଥିଲାବେଳେ ଏବର ଅନେକ କବିକଲମ ସାମଗ୍ରିକ ଭାବେ ବକଟେ ରୁଚିର ବୁନ୍ଦୁଭିକୁ କାନେଇବା ଓ ନିଘା ଦେବା ଏକ ଶୁଭ ସକାଳର ନାନ୍ଦିକାର ଭଳି ମନେହୁଏ। ସୌନ୍ଦର୍ଯ୍ୟଶାସ୍ତ୍ରର ଆଦ୍ୟ ଓଁକାର କ'ଣ ରୁଚି କପଡା ଓ ମକାନ୍ ନୁହେଁ କି ?

ସ୍ୱାମୀ ବିବେକାନନ୍ଦ କହିଥିଲେ - An empty stomach is not fit for religion, କବିତା କ୍ଷେତ୍ରରେ ଏହା। ଅବିକଳଭାବେ ସତ୍ୟ ନୁହେଁ କି ?

ମାନବିକତାର ସୁର ଧ୍ୱନିରେ ଯଦି କବିତାର ପ୍ରତିଟି ପଂକ୍ତି ମନ୍ଦ୍ରିତ ହୋଇ ନ ଉଠିଲା ତେବେ ସେ କବିତା ବିକଳାଙ୍ଗର ବ୍ୟାଧିରେ ପୀଡିତ ନୁହେଁ ବୋଲି କେମିତି ନ କହିବା ? ସେମିତି ଚେତନା କୀଟଦଂଶିତ ବୋଲି କାହିଁକି କୁହା ନଯିବ ?

କାଉ ରାବ ଶୁରି କନକ ହଳଦୀ କାଠୁଆ ହାତରେ ନିଅଁଶି ପାଗ ସତ୍ତ୍ୱେ, ଭୋର ଘନ କୁହୁଡି ଡେଇଁ ଓହ୍ଲାଇପଡେ ନଈ ପଠାକୁ। ହେଲେ ଯେଉଁ ଲଳନାର ନିଦ ତୁଟେ ନାହିଁ, କବି ତାକୁ ଖେଦୋକ୍ତି କରେ ଏଇ ଭାଷାରେ...

"କାହା ଘରେ, କିଏ ଉଠିନାଇଁ ଏବେ କହିଲୁ ଭଲା
କେଉଁ ବର ତୋତେ ନବ ଲୋ ମାଣିକ ମୁକୁତା ଝରା"

ଏହା କବି କଲମର ସାମାଜିକ ପ୍ରେକ୍ଷାପଟ୍ଟ ନୁହେଁ ତ ଆଉ କ'ଣ ?

ଅପରପକ୍ଷରେ ପଲ୍ଲୀ ସଞ୍ଚର ନୀଳ ନିମନ୍ତ୍ରଣ ଓ ମଣିଷର କଳ୍ପିତ ଭାବାବେଗ ପରିପ୍ରେକ୍ଷୀରେ ଝରିପଡୁଥିବା କୁହୁଡିର ଅପରିହାର୍ଯ୍ୟ ଭୂମିକାକୁ ଲକ୍ଷ୍ୟ କରାଯାଉ।

"ଗ୍ରାମ ଦେବତୀଙ୍କ ଭଙ୍ଗା ଦେଉଳର
ମେଘଛୁଆଁ ଚୂଡା ତ୍ରିଶୁଳେ
ଝରିପଡେ ଘନ କୁହୁଡି
ଉପରେ ଜଳଇ ଚାନ୍ଦର ରୋଶଣି
ଶତ ତାରକାର ଦିହୁଡି।"

ତଥାକଥିତ ବଜାରଭିତ୍ତିକ ବିଶ୍ୱାୟନ ଏମିତି ଏକ ବଜାରି ସଭ୍ୟତାର ସୂତ୍ରପାତ କଲାଣି ଯେ ମହାଭାରତୀୟ ଚେତନାର 'ବସୁଧୈବ କୁଟୁମ୍ବକମ୍' ହେଉ କି Fatherhood of God and brotherhood of mankind ଭଳି ଉଚ୍ଚ ବିଚାରଧାରାମାନ ପ୍ରଶାନ୍ତ ମହାସାଗରରେ ଆତ୍ମଗୋପନ କରିବାକୁ ବାଧ୍ୟ ହେଲେଣି। କବିତା ତା'ର ନିଷ୍କପଟ ଆନ୍ତରିକତା ଓ ମେଦିନୀ ଦୃଷ୍ଟିଭଙ୍ଗୀର ଥିବା ନିର୍ଭେଜାଲ ପ୍ରାଣପାରୁର୍ଯ୍ୟର ବିଭବଗୁଡିକ ଯେମିତି କେଉଁ ମୁହୂର୍ତ୍ତରେ ଭାଙ୍ଗି ଟୁକୁଡା ଟୁକୁଡା ହେଇଯିବ।

ଏସବୁ ବିଯୁକ୍ତାତ୍ମକତା, ବିରୋଧଭାସ ଓ ପ୍ରତିକୂଳତାକୁ ଧ୍ୟାନରେ ରଖି କବିଟିଏ ତାର ସାମଗ୍ରିକ ସର୍ଜନାକୁ ମାନବିକତାର ମନ୍ଦ୍ରଧ୍ୱନିରେ ମନ୍ଦ୍ରିତ କରିବା ହିଁ ଆଜି ସମୟର ଆହ୍ୱାନ। ଆମର ଅନେକ କବି (!) କିଛି ଦେଖନ୍ତି ନାହିଁ, କିନ୍ତୁ ସବୁ ଲେଖନ୍ତି। ପୁଣି କେହି କେହି ଲେଖିବାରେ ଦେଖିବାର ମିଛ ଅଭିନୟ କରନ୍ତି। କୁମ୍ଭୀରକାନ୍ଦଣା ଭଳି ଛଳ ଛଳ ଢଙ୍ଗରେ ଛଳନାର କଥା କହନ୍ତି। ହେଲେ ଯେଉଁ କବି ସତ୍ୟ ସହ ଚୁକ୍ତିବଦ୍ଧ, ସେ ହିଁ ଉପରକୁ ଦେଖନ୍ତି, ଭିତରକୁ ଦେଖନ୍ତି। ଦୃଶ୍ୟମାନ ଓ ଅଦୃଶ୍ୟ ଉଭୟ ତାଙ୍କ ଆଖିକୁ ଅଛପା ରହେନାହିଁ। ସେଥିପାଇଁ ତ ଚକ୍ଷୁଷ୍ମାନତା କବିଟିଏର ଭୂଷଣ ବୋଲି ସର୍ବବିଦିତ। ଚକ୍ଷୁଷ୍ମାନ କବିଟିଏ କେବେ ପ୍ରିୟାର ଅଶ୍ଳେଷରେ ମଧୁଚନ୍ଦ୍ରିକା ଯାପନ ପାଇଁ ଲୋଳଜିହ୍ୱ ହୋଇପାରେନାହିଁ। ଜାତଯୋନୀର ସହଜାତ ଦେହପ୍ରବୃତ୍ତିକୁ ସେ ବୁଝେ ଓ କବିତାରେ ତାକୁ ଦେହାତୀତ ଢଙ୍ଗରେ ପରିପ୍ରକାଶ କରି ଉତ୍ତେଜନାକୁ ସମତୁଲ ଧାରଣ ଓ ଯୁକ୍ତଭାବେ ସମ୍ପାଦନ କରିବାର କଳାତ୍ମକ ପରିପ୍ରକାଶ କରିପାରେ କେବଳ କବିଟିଏ।

ତେଣୁ ତ ଚାକୁଣ୍ଡା କଅଁଳୁ ନଥିବା ଟାଙ୍ଗର ଭୂଇଁରେ କେବଳ କମିଟିଏ ସଂରଚନା କରିପାରେ ରସୋ ବୈସଃ... ରସୋ ବୈସଃ...!

(କ୍ରମଶ)

କଥା ହୁଅନ୍ତୁ : ୯୪୩୭୨୬୭୧୨୫

କବିତାଖୁଣ୍ଟି କଳକବିତା

ଅମହଃଣ୍ଡିଆ ଅବଶୋଷ

ଡକ୍ଟର ରବି ନାରାୟଣ ମିଶ୍ର



ଭୂମି ସାତ ରଥ ଚକ
ଶେଥା-ରକ୍ତ ସାରଥୀକୁ ନେଇ
ଲଢୁଛି ମୁଁ ରେ ଫାଲ୍ଗୁନୀ !
ନେଇ ଯା ପ୍ରାଣ ମୋର
ମେଣ୍ଟି ଯାଉ ଭୋକ ଶୋଷ ତୋର.

ଦଳିଦିଅ କର୍ଣ୍ଣ ନାମ ବଳ
ଜାଳି ପକା ଝଣ୍ଡା ନିରାଶର
ଏ ବା ଅଧିକ କଣ ?
କି ଅବା ସଂଗ୍ରାମ ସତେ
ଆମ୍ ଗର୍ବ ପାଇଁ ଏ ଲଢ଼େଇ
ବୀରତ୍ୱର ନମୁନା ଇ ନୁହେଁ....

ନନ୍ଦୀଘୋଷ ଭେରୀ ମୁକ
ଶିଥାଳିଆ ଯୁଦ୍ଧ ପାଇଁ
ଲତପତ ଆତ୍ମୀୟ ଲହୁରେ
କପଟୀର ଆଖି ଠାର
ମଉଳୁଛି ବିବେକର ଶତ ଶତଦଳ....

ଭାବି ଦେଖରେ ଅର୍ଜୁନ !
ଚକ୍ରାନ୍ତର ଯଉ ମୁଦ
ଯନ୍ତ୍ରଣାର ବାଡ ଘେରା ଅନ୍ତଃ ପୁରେ
କୁହୁଳୁଛି ନିଆଁ
ଝାସ ଦେବ ପାଟରାଣୀ ମୋର....
ହାତ ସୁନା ଭେଣ୍ଡି ହୁଏ
ଆଶ୍ରା ଦିଏ କୁଟା ଖିଅ
ସେ ଯେ ପୁଣି ଧୂଆଁଳିଆ ଅଳନ୍ଧୁର ଶବ

ଚାହିଁ କରି ଶୋଇଥିଲି ବୋଧେ
କୋଡପୋଛା ସାପଟାକୁ ଚିହ୍ନି ପାରିଲିନି
ସାରଥୀ ଠାକୁର ମାୟା
ବୁଝୁ ବୁଝୁ ବୁଝି ପାରିଲିନି

କି ଅବା କରିବି ଏବେ
ବିନା ଚକେ ରଥ ଗତୁ ନାହିଁ
ତୋ ଶର ଛାତି ଛୁଉଁ ଛୁଉଁ
ମୋଡ଼ି ଦେବି ମୋ ଚାରି ପାଖ
ଆଶା ଆଉ ଭରସାର ବାଡ଼
ତୁ ବି ଜାଣିବୁ ତେବେ
ମୁଁ ଯେ ଜନ୍ମେଞ୍ଜୟ.

କାର୍ଯ୍ୟପାଳକ ନିର୍ଦ୍ଦେଶକ,
ଭାରତୀୟ ରିଜର୍ଭ ବ୍ୟାଙ୍କ (ସେ.ନି.)
ମୁମ୍ବାଇ-୦୧୦୧୨୦୨୧

ମୂଲ୍ୟହୀନ ଗଣତନ୍ତ୍ର

ଅକ୍ଷୟ କୁମାର ସାହୁ

ଗଣତନ୍ତ୍ର ଏଠି ମୂଲ୍ୟହିନ।
ବାହୁବଳି ଏଠି ଶାସନ କରୁଛି,
ଖଣ୍ଡଦିଏ ଏଠି ପ୍ରବଚନ।

ଖାଲିପେଟେ ଏଠି କିଏ ଶୁଏ।
ମଦ, ମାଉଁଶେ କା ଦିନଯାଏ,
ତେଲିଆ ମୁଣ୍ଡରେ ତେଲ ବୋଳାହୁଏ,
ନୁଖୁରା କପାଳେ ଲାଗେ ଚୁନ।

ମନ୍ତ୍ରୀପୁଅ ମନ୍ତ୍ରୀ ହୁଏ ଏଠି,
ନିରୀହ ଜନତା ଖଟେ ବେଠି।
ନାରୀ ନିତି ଜଳେ ଯନ୍ତ୍ରଣା ଜୁଇରେ
ଭୃଣୁ କନ୍ୟା ହୁଏ ହିନିମାନ।

ଅମଲାତନ୍ତ୍ରୀଙ୍କ ଅମାରରେ,
ଦେଶର ପ୍ରଗତୀ ବନ୍

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
ଭୁବନେଶ୍ୱର, ୦୮ - ୧୪ ଫେବୃଆରୀ, ୨୦୨୧

ବମ୍ବେଛକ ବସଷ୍ଟାଣ୍ଡରେ ଯାତ୍ରୀ ପ୍ରତୀକ୍ଷାଳୟ ଓ ଶୌଚାଳୟ ନିର୍ମାଣ ଦାବି ପ୍ରସଙ୍ଗ

ଆମରଣ ଅନଶନରେ କ୍ଷୀରୋଦ

ବାରିପଦା : ଗତ ୨୦୧୮ ମସିହାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ବମ୍ବେଛକ ବସ ଷ୍ଟାଣ୍ଡରେ ଯାତ୍ରୀ ପ୍ରତୀକ୍ଷାଳୟ ଓ ଶୌଚାଳୟର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ଅଟକି ରହିଛି । ବହୁ ପ୍ରତୀକ୍ଷିତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଅଟକି ରହିବା ପରେ ଏହାକୁ ପୂର୍ଣ୍ଣାଙ୍ଗ କରିବା ଦାବୀରେ ୨୦୧୯ ମସିହା ମାର୍ଚ୍ଚ ୧୫ ତାରିଖରୁ ସ୍ଥାନୀୟ ସାମାଦିକ କ୍ଷୀରୋଦ ଚନ୍ଦ୍ର ଦାସ ଆମରଣ ଅନଶନରେ ବସିଥିଲେ । ଦୀର୍ଘ ୫୭ ଘଂଟା ପରେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଅସ୍ଥାୟୀ ସେବା ପ୍ରଦାନ ପୂର୍ବକ ତତକାଳୀନ ୫୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ସ୍ୱର୍ଗତ ଭୁବନେଶ୍ୱର ମହାନ୍ତ ନିଜସ୍ୱ ସ୍ତରରେ ପାନୀୟ ଜଳ ସେବା ପ୍ରଦାନ ନିମନ୍ତେ ପାଣି ଟାଙ୍କି ସ୍ଥାପନ କରିଥିବା ବେଳେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଯାତ୍ରୀଙ୍କ ନିମନ୍ତେ ଶେଡ ନିର୍ମିତ ହୋଇଥିଲା । ପ୍ରଶାସନ ସହିତ ସ୍ୱର୍ଗତ ମହାନ୍ତଙ୍କ ଦୃଢ ପ୍ରତିଶ୍ରୁତି ପରେ କ୍ଷୀରୋଦ ଅନଶନରୁ ଓହରିଥିଲେ । ମାତ୍ର ପ୍ରତିଶ୍ରୁତି ମିଳିବାର ଦୁଇ ବର୍ଷ ପୁରିବାକୁ ବସିଥିବା ବେଳେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନପାରିବା ସ୍ଥାନୀୟ ନେତା ତଥା ଜନପ୍ରତିନିଧିଙ୍କ ଅପାରଗତା ଓ ପ୍ରସାଶନିକ କଳର ବିଫଳତାକୁ

ପ୍ରତିପାଦିତ କରୁଛି । ବମ୍ବେଛକ ବସ ଷ୍ଟାଣ୍ଡଟି ଓଡିଶା ସମେତ ପଡୋଶୀ ଝାରଖଣ୍ଡ ଓ ପଶ୍ଚିମ ବଙ୍ଗ ଭଳି ତିନି ଗୋଟି ରାଜ୍ୟର ଯାତ୍ରୀଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଏଠାରେ ଆଲୋକ ବ୍ୟବସ୍ଥା , ପାନୀୟଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧା ଉପଲବଧ ହୋଇ ପାରୁ ନଥିବା ବେଳେ, ବ୍ଲକ ପ୍ରଶାସନର ଉଦାସୀନତା ନିମନ୍ତେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ଅଧାରେ ଅଟକି ରହିଛି ବୋଲି କ୍ଷିରୋଦ ଆଭିଯୋଗ ଆଣିଛନ୍ତି । ତେବେ ଏହି ଅଂଚଳଟି ଜିଲ୍ଲାପରିଷଦ ଉପନିର୍ବାଚନ ଚାଲିଥିବା ସାରସକଣା ବ୍ଲକର ୫୬ ନମ୍ବର ଜୋନରେ ପଡୁଥିବାରୁ କ୍ଷୀରୋଦ ପ୍ରକଲ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଦାବୀରେ ଆଜିଠାରୁ ପୁଣି ପୂର୍ବ ସୂଚନା ମୁତାବକ ଆମରଣ ଅନଶନରେ ବସିବା ପରେ ପ୍ରସାଶନର ମୁଣ୍ଡ ବ୍ୟଥା ବଢିଛି । କାରଣ ଗତଥର ଭଳି ଏଥର ମଧ୍ୟ ପ୍ରବଳ ଜନ ସମର୍ଥନ ତାଙ୍କ ସହିତ ଥିବା ଜଣାପଡିଛି । ଆଗକୁ ଜିଲ୍ଲା ପରିଷଦ ସଭ୍ୟ ପଦବୀ ନିମନ୍ତେ ଉପ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହି ଅନଶନର ପ୍ରଭାବ ନେଇ ସ୍ଥାନୀୟ ଜନସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏବାବଦରେ ସ୍ଥାନୀୟ ବିଡିଓ ଙ୍କୁ ଯୋଗା ଯୋଗ କରିବାରୁ ସେ ପ୍ରକଳ୍ପର ଆରମ୍ଭ ହୋଇଥିବା ଅର୍ଦ୍ଧ ନିର୍ମିତ ଗୃହଟି ଜାତୀୟ ରାଜପଥର ଯାଗାରେ ଭୁଲରେ ନିର୍ମାଣ ହୋଇଯାଇ ଥିବାରୁ ସେହି ଯାଗାରେ କାର୍ଯ୍ୟକୁ ଆଗକୁ ବଢାଇବା ସମ୍ଭବ ନୁହଁ ବୋଲି କହିଥିଲେ । ପ୍ରକଳ୍ପ ନିମନ୍ତେ ରାଜସ୍ୱ ବିଭାଗ ଦ୍ୱାରା ଅନୁମୋଦିତ ୭୧୬ ନମ୍ବର ପ୍ଲଟରେ ପ୍ରକଳ୍ପ ନିର୍ମାଣ ନିମନ୍ତେ ଚିନ୍ତନ ଚାଲିଥିବା ସେ କହିଛନ୍ତି । ତେବେ ରାଜସ୍ୱ ବିଭାଗ ଦ୍ୱାରା ପ୍ରଦତ୍ତ ପ୍ଲଟକୁ ଠିକ ଭାବେ ତର୍ଜମା ନକରି ବିଭାଗ ଦ୍ୱାରା କାର୍ଯ୍ୟ ଆରମ୍ଭ କରିବା ବାସ୍ତବରେ ଚିନ୍ତାଜନକ ଓ ତଦନ୍ତ ସାପେକ୍ଷ ଏବଂ ଜାତୀୟ ରାଜପଥ ଜମୀରେ ସରକାରୀ ପ୍ରକଳ୍ପ ନିର୍ମାଣ କରିଥିବାରୁ ଖର୍ଚ୍ଚ ହୋଇଥିବା ଅର୍ଥର ଉତ୍ତର ଦାୟୀ କିଏ ହେବ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି । ଆଜି ସୂର୍ଯ୍ୟଦୋୟ ଠାରୁ କ୍ଷୀରୋଦ ଅନଶନରେ ବସିଥିବା ବେଳେ, ତାଙ୍କ ନିକଟକୁ ଖବର ଲେଖା ହେବା ଯାଏ କେହି ପ୍ରଶାସନିକ ଅଧିକାରୀ ଆସି କୌଣଷି ଆଲୋଚନା କରିନଥିବାର ପ୍ରକାଶ । ତେବେ ସାରସକଣା ତସହିଲଦାର ନିର୍ବାଚନ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ନେଇ ବିଡିଓଙ୍କୁ ଓ ଜିଲ୍ଲା ପ୍ରସାସନକୁ ଏକ ଚିଠିରେ ଅନୁରୋଧ କରିଥିବା ଜଣାଯାଇଛି । ତେବେ ନିର୍ବାଚନ ଆଚରଣ ବିଧିରେ ନୂଆ କାର୍ଯ୍ୟ ସିନା ଆରମ୍ଭ ହେବନାହିଁ ଚାଲିଥିବା ପ୍ରକଳ୍ପ ନିର୍ମାଣ କରିବାରେ କଣ ଅସୁବିଧା ରହିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋଇ ଧରିଛି ।

ବିନା ସୂଚନା ଫଳକରେ ନିର୍ମାଣ ସରିଲା

ନିର୍ମାଣର ମାସେ ନ ପୂରୁଣୁ ରାସ୍ତା ଫାଟି ଆଁ

ଭଦ୍ରକ,(ବିକାଶ କୁମାର ଧଳ): ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ରହିଛି । ତେବେ ଭଦ୍ରକ ଜିଲା ବନ୍ତ ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ଏହାର ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି । ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ତରଫରୁ ଆଗରପଡ଼ା-କୁପାରୀ ପିଡବ୍ଲ୍ୟୁଡ଼ି ରାସ୍ତା ଠାରୁ ବରହମ୍‌ପୁର ତାଣିଣୀ ଛକ ପିଡବ୍ଲ୍ୟୁଡ଼ି ରାସ୍ତା ଭାୟା ଟିକିରା,ଆଗରପଡ଼ା କଲେଜ ରାସ୍ତା ନିର୍ମାଣ କରାଯାଇଛି । ଯାହାର ଅଟକଳ ମୂଲ୍ୟ ପାଖାପାଖି ୮୦ଲକ୍ଷ ୯୫ ହଜାର ୮୮୪ ଟଙ୍କା । ୨୦୧୮ ମସିହା ଡ଼ିସେମ୍ବର

୧୫ ତାରିଖରେ ବର୍ତ୍ତମାନର ବିଧାୟକ ତଥା ତତ୍କାଳିନ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା । ଅନୁତାପର ବିଷୟ ଏହିକି ବିନା ସୂଚନା ଫଳକରେ ରାସ୍ତା ନିର୍ମାଣ ସରିଗଲା । ଯଦ୍ୱାରା ସର୍ବସାଧାରଣରେ ସରକାର କେଉଁ ବିଭାଗରୁ ଅର୍ଥ ପ୍ରଦାନ କରିଛନ୍ତି, କେତେ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି । କାହା ନାମରେ କାର୍ଯ୍ୟାଦେଶ ରହିଛି, କେଉଁ ଅଧିକାରୀ ତଦାରଖ କରୁଛନ୍ତି ଏବଂ କାର୍ଯ୍ୟାଦେଶର ଆରମ୍ଭ ଓ ଶେଷ ତାରିଖ ଆଦି ସଂପର୍କରେ ସୂଚନା ପାଇବାରୁ ଉକ୍ତ ଗ୍ରାମର ଗ୍ରାମବାସୀମାନେ ବଂଚିତ ହୋଇଥିବା ଅଭିଯୋଗ କରିଛନ୍ତି । ସରକାର ଫଳକ ନିର୍ମାଣ ଓ ସୂଚନା ଲେଖିବା ବାଧ୍ୟତାମୂଳକ କରିଥିବା ବେଳେ ବନ୍ତ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଏହି ନିୟମକୁ ଖୋଲାଖୋଲି ଉଲଂଘନ କରାଯାଉଥିବା ଦେଖିବାକୁ ମିଳୁଛି । ସେହିପରି ଅପରପକ୍ଷରେ ଲକ୍ଷାଧିକ ଟଙ୍କାରେ ନିର୍ମିତ ରାସ୍ତାକୁ ମାସେ ନପୂରୁଣୁ ରାସ୍ତା ଫାଟିବା ଆରମ୍ଭ କଲାଣି । ଯଦ୍ୱାରା ଉକ୍ତ ରାସ୍ତାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କଟକଣାକୁ ...

ସେହିଭଳି ମନ୍ଦିର ଚାରିପଟେ ୧୩୮.୩୮୫ ଏକର ସ୍ଥାନରେ ନିର୍ମାଣକୁ ନିୟନ୍ତ୍ରିତ କରାଯିବ। ବର୍ତ୍ତମାନ ମନ୍ଦିର ଚାରିପଟେ ଏସବୁ ଅଞ୍ଚଳ ମୁଖ୍ୟତଃ ବାଣିଜ୍ୟିକ ଏବଂ ଆବାସିକ କାର୍ଯ୍ୟ ଲାଗି ଉପଯୋଗ କରାଯାଇଛି। କିଛି ସ୍ଥାନରେ ଛୋଟ ଛୋଟ ମନ୍ଦିର ଓ ବଜାର ରହିଛି। ଆଉ କିଛି ଅଞ୍ଚଳ ରହିଛି, ଯେଉଁଠି ସିଟି ରୋଡ ଯାଇଛି ଏବଂ ଟାଇଲ୍ ବିଛା ରାସ୍ତା, ମନ୍ଦିର କମ୍ପ୍ଲେକ୍ସ, ପୁରୀ ସମୁଦ୍ର ରହିଛି। ନିୟନ୍ତ୍ରିତ ଅଞ୍ଚଳ ବାହାରେ ଯେଉଁ ନିର୍ମାଣ ହେବ ତାହାର ଉଚ୍ଚତା ଉପରେ ମଧ୍ୟ କଟକଣା ରହିବ। ନିଷିଦ୍ଧ ଅଞ୍ଚଳ ମଧ୍ୟରେ ୭ ମିଟର ଉଚ୍ଚ ନିର୍ମାଣକୁ ଅନୁମତି ଦିଆଯିବ ନାହିଁ। କୋଠା ବା ନିର୍ମାଣ ଗୁଡିକ ଦ୍ୱାରା ଦୂରରୁ ଶ୍ରୀମନ୍ଦିର ଦର୍ଶନ ଯେଭଳି ବାଧାପ୍ରାପ୍ତ ନହୁଏ ତାହା ପ୍ରତି ଧ୍ୟାନ ଦିଆଯିବ। କେବଳ ସେତିକି ନୁହେଁ, ଏହି ଅଞ୍ଚଳରେ ଏଲ୍‌ଇଡି କିମ୍ବା ଅନ୍ୟ ଉଚ୍ଚ ପ୍ରତିଫଳନ ଯୁକ୍ତ ସିନ୍ଥେଟିକ ସାମଗ୍ରୀର ବ୍ୟବହାର ବଡଦାଣ୍ଡକୁ ସଜ୍ଜିତ କରିବା ଲାଗି ବ୍ୟବହାର କରାଯିନାହିଁ। ରଥଯାତ୍ରା ଭଳି ସ୍ୱତନ୍ତ୍ର ଉତ୍ସବରେ ବ୍ୟାନର ଲଗାଇବାକୁ ଅନୁମତି ମିଳିବ। କିନ୍ତୁ ଏହା ତିନିଦିନରୁ ଅଧିକ ହେବନାହିଁ। ଏଥିସହିତ ନିଷିଦ୍ଧାଞ୍ଚଳ ଓ ନିୟନ୍ତ୍ରିତ ଅଞ୍ଚଳକୁ ପ୍ଲାଷ୍ଟିକମୁକ୍ତ ଏବଂ ହକର ଓ ଭିକାରିମୁକ୍ତ କରିବାକୁ ହେବ। ବର୍ତ୍ତମାନ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଐତିହ୍ୟ ଅଞ୍ଚଳ ଅଧିନରେ ଆସୁଛି। ଶ୍ରୀମନ୍ଦିର ସହିତ ପୁରୀର ଅନ୍ୟ ୮ଟି ମନ୍ଦିର ଓ ସ୍ଥାନକୁ ଚିହ୍ନଟ କରାଯାଇଛି। ସେଗୁଡିକ ହେଲା ଶଙ୍ଖଚକ୍ର ମନ୍ଦିର, ମହାବୀର ମନ୍ଦିର, ଡିମେଇ ମଠ, ତ୍ରିନାଥ ମନ୍ଦିର, ଶ୍ୱେତ ଗଙ୍ଗା ପୁଷ୍କରିଣୀ ଏବଂ ମାଆ ଚାମୁଣ୍ଡା ମନ୍ଦିର। ପୂରାତନ କୀର୍ତ୍ତିରାଜି ଏବଂ ପ୍ରତ୍ନତାତ୍ତ୍ୱିକ ଅଞ୍ଚଳ (ସଂଶୋଧନ ଏବଂ ବୈଧୀକରଣ) ଆଇନ ବା ଏଏମ୍‌ଏଏସ୍‌ଆର-୨୦୨୦ ଅଧିରେ ଏନ୍‌ଏମ୍‌ଏ ଉକ୍ତ ବାଇ-ଲ'କୁ ପ୍ରକାଶ କରିଛି। ଏହି ବାଇ-ଲ ଉପରେ ସର୍ବସାଧାରଣ ମତାମତ ଲୋଡାଯାଇଛି ଓ ଫେବୃଆରୀ ୧୮ ତାରିଖ ଦିନ ସୁଧା ମତାମତ ଓ ପରାମର୍ଶକୁ ଆଧାର କରି କର୍ତ୍ତୃପକ୍ଷ ଆଗକୁ ବଢ଼ିବେ। ଅନ୍ୟପଟେ ଏହାକୁ ନେଇ ପୁରୀ ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ, ପିକେଡିଏ, ପୌରସଂସ୍ଥା, ସେବାୟତ ପ୍ରତିନିଧିଙ୍କ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ କ୍ରିଷ୍ଣନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଶସାନିକ ଅଧିକାରୀମାନେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ଐତିହ୍ୟ କରିଡର କାମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଥିବା ବେଳେ ହଠାତ୍ ଏଭଳି ପ୍ରତିବନ୍ଧକ କ'ଣ ପାଇଁ ବୋଲି ସମସ୍ତେ ପ୍ରଶ୍ନ କରିଥିଲେ। ବଡଦେଉଳ ବିକାଶରେ ଜାଣିଶୁଣି ବାଧା ଉପୁଜାଇବା ଲାଗି ଏଭଳି ମସୁଧା କରାଯାଇଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ଜାତୀୟ ସ୍ମାରକ ପ୍ରାଧିକରଣ (ଏନ୍‌ଏମ୍‌ଏ)ର ପ୍ରସ୍ତାବିତ ଅଧିନିୟମକୁ ନେଇ ବିବାଦ ଦେଖାଯିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ହସ୍ତକ୍ଷେପ କରିଛନ୍ତି। ଏନେଇ ଧର୍ମେନ୍ଦ୍ର ଟ୍ୱିଟ୍ କରି କହିଛନ୍ତି ଯେ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କ ସହ ଉପରୋକ୍ତ ଅଧିନିୟମ ସମ୍ପର୍କରେ କଥା ହେଲି। କଥାବାର୍ତ୍ତା ପରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଶ୍ରୀମନ୍ଦିରର ବିକାଶ କ୍ଷେତ୍ରରେ ବାଧା ଉପୁଯିବା ପରି ଏବଂ ଶ୍ରଦ୍ଧାଳୁଙ୍କ ଭାବନାକୁ ଆଘାତ କଲା ପରି କୌଣସି ପଦକ୍ଷେପ ନିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ଧର୍ମେନ୍ଦ୍ର କହିଛନ୍ତି।

ବାହାରିପାରୁନି ...

ସିଇଏଫ୍ ପ୍ରସ୍ତୁତ କରି ସେଥିରେ ଡାଟା ସଂଗ୍ରହ କରି ତାଙ୍କର ରାୟ ପ୍ରକାଶ କରିଥିଲେ। ତା'କୁ ବିଚାରକୁ ନେଲେ ମହାନଦୀ ଟ୍ରିବ୍ୟୁନାଲ୍ ଯେଉଁ ସିଇଏଫ୍ ଚୂଡ଼ାନ୍ତ କରିବାକୁ ଯାଉଛନ୍ତି, ସେଥିରେ ତଥ୍ୟ ସଂଗ୍ରହ କରିବା ସମୟ ସାପେକ୍ଷ। ତେଣୁ ଆସନ୍ତା ୨ ବର୍ଷରେ ଟ୍ରିବ୍ୟୁନାଲ୍ ତା'ର ଚୂଡ଼ାନ୍ତ ରାୟ ପ୍ରକାଶ କରିବା ନେଇ ସନ୍ଦେହ ପ୍ରକଟ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ସେହିଭଳି ସବୁଜ ମହାନଦୀ ମିଶନ ଧୂଆଁବାଣରେ ପରିଣତ ହୋଇଛି। ହୀରାକୁଦ ତଳ ମୁଣ୍ଡରେ ମହାନଦୀ ଜଳ ସଂରକ୍ଷଣ କେବଳ ବିବୃତିରେ ରହିଯାଇଛି। ମହାନଦୀ ଜଳକୁ ପ୍ରଦୂଷଣରୁ ମୁକ୍ତ କରିବା ଏବଂ ମହାନଦୀର ଜମିକୁ ଜବର ଦଖଲରୁ ମୁକ୍ତ କରିବାରେ ସରକାର ଚରମ ବିଫଳତା ଦେଖାଇଛନ୍ତି। ଏହା ବିରୁଦ୍ଧରେ ମଧ୍ୟ ମହାନଦୀ ବଞ୍ଚାଅ ଆନ୍ଦୋଳନ ତା'ର କାର୍ଯ୍ୟକ୍ରମକୁ ବ୍ୟାପକ କରିବ ବୋଲି କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଯୁଗ୍ମ ଆବାହକ ବାସୁଦେବ ଭଟ୍ଟ, ଉପଦେଷ୍ଟା ଇଂ ଲଳିତ ମୋହନ ପଟ୍ଟନାୟକ, ପ୍ରସନ୍ନ ବିଶୋଇ, ବିଜୟ ପ୍ରଧାନ, ନିରଦ ବରନ ଖୁଣ୍ଟିଆ ଏବଂ ଅଶୋକ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଟ୍ରେଡ୍ ଲାଇସେନ୍ସ ...

ବ୍ୟବସାୟ କରୁଛନ୍ତି, ତା'ର ତାଲିକା ପ୍ରସ୍ତୁତ କରାଯିବ। ଏହାପରେ ବ୍ୟବସାୟୀମାନଙ୍କୁ ଅନଲାଇନ୍‌ରେ ଟ୍ରେଡ୍ ଲାଇସେନ୍ସ ନେବାକୁ କୁହାଯିବ। ଯଦି କେହି ଖିଲାପକାରୀ ବାହାରିବେ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୁରା ରାଜଧାନୀରେ ସବୁ ବ୍ୟବସାୟୀ ଟ୍ରେଡ୍ ଲାଇସେନ୍ସ ନେଲେ ବିଏମ୍‌ସି ପ୍ରାୟ ୨ କୋଟି ଟଙ୍କା ଅଧିକ ରାଜସ୍ୱ ପାଇବ।

କରୋନା ...

ଯୋଦ୍ଧାଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ୪୩୦ କେନ୍ଦ୍ରରେ ୩୯ହଜାର ୩୭୫ ଯୋଦ୍ଧା ଟିକା ନେଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରରେ ୧୧ହଜାର ୬୦ ଯୋଦ୍ଧାଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଥିଲା ବେଳେ ୧୨୭୧ଜଣ ଅଧିକା ଟିକା ନେଇଛନ୍ତି। ଅର୍ଥାତ ଭୁବନେଶ୍ୱରରେ ୧୦୯.୬% ଟିକାକରଣ ହୋଇଛି। ରାଜ୍ୟରେ ୧୦ ଜିଲ୍ଲାରେ ଶତ ପ୍ରତିଶତଠାରୁ ଅଧିକ ଟିକାକରଣ ହୋଇଛି। ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ୧୭୩.୭% ଟିକାକରଣ ହୋଇଥିଲା ବେଳେ ସର୍ବନିମ୍ନ ଗଜପତିରେ ୩୩.୧% ଟିକାକରଣ ହୋଇଛି। ଆଜି ଜଣେ ହେଲେ ବି ପାର୍ଶ୍ୱ ପ୍ରତିକ୍ରିୟାର ଶିକାର ହୋଇନାହାନ୍ତି। ଅନ୍ୟପଟରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୮ ହଜାର ୭୦୦ ଯୋଦ୍ଧାଙ୍କୁ ଟିକା ଦେବା ଲାଗି ଲକ୍ଷ୍ୟ ରଖାଯାଇଥିଲା। ସେଥିପାଇଁ ଗତ ୧୬ ତାରିଖରୁ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇ ଆସନ୍ତା ୧୦ତାରିଖ ସୁଦ୍ଧା ଶେଷ କରିବା ଲାଗି ଯୋଜନା ରଖାଯାଇଛି।

ତଦନ୍ତ ହେଲେ ...

ହେବାକୁ ଯାଉଛି ତାହାକୁ ସେ ପଞ୍ଜିକୃତ କରିବା ବଦଳରେ ଲୋକଙ୍କୁ କହୁଛନ୍ତି ଯେ, ଏବେ ନୁହେଁ ତୁମେ ସଂଧ୍ୟା ବେଳକୁ ଆସ। ନଚେତ ଆସନ୍ତାକାଲି ଆସ ଦେଖିବା। ଯେଉଁ କାର୍ଯ୍ୟ ନିୟମ ଅନୁସାରେ ତତ୍କାଳ ହେବା କଥା ତାହା ପାଳନ ନକରି ସବ୍‌ରେଜିଷ୍ଟ୍ରାର ଲୋକଙ୍କୁ ସଂଧ୍ୟାରେ ଡାକିବାର କାରଣ କ'ଣ ବୋଲି ସବୁଠି ଚର୍ଚ୍ଚା ହେଉଛି। ଅଭିଯୋଗ ହେଉଛି ଯେ, ଶ୍ରୀ ତ୍ରିପାଠୀ ବେଆଇନ ଅର୍ଥ ରୋଜଗାର ପାଇଁ ଏଭଳି ନୂଆ ନିୟମ ଆରମ୍ଭ କରିଛନ୍ତି। ଯେଉଁ କାର୍ଯ୍ୟ ଅଫିସ ସମୟରେ ହେବା କଥା ତାହାକୁ ଘୁଞ୍ଚାଇ ଦେଇ ନିଜ ସୁବିଧାରେ ସମୟ ବାହାର କରିବା ପଛର କାରଣ ଅନୁସନ୍ଧାନ ହେଲେ ଜଣାପଡିବ।

ଉର୍ଜାର ନୂଆ ...

ଗତି ଦେବା ପାଇଁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରମୁଖ ପ୍ରକଳ୍ପ ଗୁଡିକର କାର୍ଯ୍ୟକ୍ଷମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହାସହ ଇଣ୍ଡିଆନ ଅଏଲର ବିଶ୍ୱମାନର ଲ୍ୟୁବ୍ ଅଏଲ ବେସ୍ ଷ୍ଟୋକ ହଳଦିଆ ରିଫାଇନାରୀ କମ୍ପଲେକ୍ସ ପରିଦର୍ଶନ କରିବା ସହ ରିଫାଇନାରୀର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ବାର୍ଷିକ ୮ ମିଲିୟନ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ହଳଦିଆ ରିଫାଇନାରୀ ପୂର୍ବ ଭାରତରେ ପେଟ୍ରୋଲିୟମ ଉତ୍ପାଦ ଯୋଗାଣ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନେବ ଏବଂ ଦେଶର ଉର୍ଜା ସୁରକ୍ଷା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମନିର୍ଭର ଭାରତକୁ ମଜବୁତ୍ କରିବାରେ ସହାୟକ ହେବ। ସୂଚନାଯୋଗ୍ୟ, ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ହଳିଦିଆ ଠାରେ ଆୟୋଜିତ ଏକ ବିଶାଳ କାର୍ଯ୍ୟକ୍ରମରେ ଯୋଗଦେଇ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଓ ସଡ଼କ ପରିବହନ ବିଭାଗର ମୋଟ୍ ୪ ହଜାର ୭୦୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୪ଟି ବିକାଶମୂଳକ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ୩୪୭ କିଲୋମିଟର ଲମ୍ବ ଧୋବି-ଦୁର୍ଗାପୁର ପ୍ରାକୃତିକ ଗ୍ୟାସ ପାଇପଲାଇନ, ଭାରତ ପେଟ୍ରୋଲିୟମ କର୍ପୋରେସନ (ବିପିସିଏଲ) ଦ୍ୱାରା ନିର୍ମିତ ଏଲପିଜି ଇମ୍ପୋର୍ଟ ଟର୍ମିନାଲ, ଜାତୀୟ ରାଜପଥ-୪୧ର ହଳଦିଆର ରାଣୀଛକ ଠାରେ ୪ ଲେନ୍ ବିଶିଷ୍ଟ ଆରଓବି-କମ୍-ଫ୍ଲାଏ ଓଭରର ଲୋକାର୍ପଣ କରିବା ସହ ଭାରତୀୟ ତୈଳ ନିଗମର(ଆଇଓସିଏଲ) ହଳଦିଆ ରିଫାଇନାରୀର ଦ୍ୱିତୀୟ କାଟାଲିଟିକ୍ ଡ଼ିଓ୍ୱାକ୍ସିଂ ୟୁନିଟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି।

ଅପହଞ୍ଚ ...

ଆଣି ଖଲି ତ

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମା ଗାନ୍ଧି

ଅକ୍ଷୟ କୁମାର ରାଉତ



ପୂଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ ,ସମ୍ପ୍ରଦାୟ, ଜାତି,ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି,ଦୟା,କ୍ଷମା,ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଈ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଈ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ।

ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ୍ୟ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତ୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଇଙ୍କ ସହିତ ନିର୍ବନ୍ଧ ଓ ତେରବର୍ଷ ବୟସରେ ବିବାହ ହୋଇଥିଲା।ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ।

ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତ୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳି ବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି। ତେଣୁ ଗାନ୍ଧି ଲଣ୍ଡନ ରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲରେ ତିନି ଦିନ ରହିବା ପରେ , ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରଞ୍ଜନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ୍ୟ ଶିଖି ପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ୍ୟ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଅସିଲେ। ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍‌କାର କଲେ।

ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା। ଏହି ସମୟରେ କାଥିଆ ୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ ସଭାଲର ରାଜଧାନୀ ପ୍ରିଟୋରିଆ କୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରସବଗଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ,ଅବହେଳି, ଅତ୍ୟାଚାରିତ, ସର୍ବ ହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ

ଏକତ୍ରୀତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ। ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ।

ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ। ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧ୍ୟହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଶ୍ୟମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୂଆଁଇଲେ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ଝରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତ ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍‌ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ। ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ "ଇଣ୍ଡିଆନ ଓପିନିୟନ" ନାମକ ପତ୍ରକା ପ୍ରକାଶ କଲେ। ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍‌ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିକନ୍‌ସ ଆଶ୍ରମରେ ଇଣ୍ଡିଆନ

ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମ ଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ।

ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ। ଜୋହାନ୍‌ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ "ହିନ୍ଦସ୍ୱରାଜ" ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷ୍ୟରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍‌ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କଲୃଷକ ଓ କୃଷକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା। ଭାରତୀୟ ମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା। ଭାରତୀୟ ମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ,ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତି ପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ,ସେହି ଉଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା।

ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇରହିବାକୁ ଇଚ୍ଛା କଲେ ନାହିଁ। ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ ' ସତ୍ୟାଗ୍ରହ ଆଶ୍ରମ'। ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ।

ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ। ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ। ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ। ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହେଯାଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଭ ନେହେରୁ ଦେଶବନ୍ଧୁ ଚିତରଞ୍ଜନ ଓକିଲାତି ଛାଡ଼ିଲେ। ରବୀନ

ମାଛ ରପ୍ତାନୀ ବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର : ଓଡ଼ିଶାରେ ଉତ୍ପାଦିତ ମାଛର ଚାହିଦା ବାହାର ରାଜ୍ୟରେ ଅଧିକ ରହୁଥିବାରୁ ରାଜ୍ୟ ସରକାର ମାଛ ରପ୍ତାନି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି । ଆଗାମୀ ପାଞ୍ଚ ବର୍ଷରେ ଓଡ଼ିଶାରୁ ମତ୍ସ୍ୟ ରପ୍ତାନି ପରିମାଣ ୨୦ ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ଟାର୍ଗେଟ୍ କରାଯାଇଛି । ରାଜ୍ୟରେ ୧୫ ଲକ୍ଷ ଲୋକ ମତ୍ସ୍ୟ କ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ । ଗତ ପାଞ୍ଚ ବର୍ଷ ମଧ୍ୟରେ ମତ୍ସ୍ୟ କ୍ଷେତ୍ରରେ ୫୭ ପ୍ରତିଶତ ଅଭିବୃଦ୍ଧି ଘଟିଛି । ୨୦ ବର୍ଷ ତଳେ ରାଜ୍ୟରେ ବାର୍ଷିକ ୨.୬ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦିତ ହେଉଥିଲା । ବର୍ତ୍ତମାନ ତାହା ୮.୧୬ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚି ପାରିଛି । ଜାତୀୟସ୍ତରରେ ମାଛ ଉତ୍ପାଦନରେ ଓଡ଼ିଶାର ସ୍ଥାନ ଚତୁର୍ଥ । ସେହିପରି ବ୍ୟକ୍ତି ପିଛା ମାଛ ଆହରଣ ୨୦ ବର୍ଷ ଭିତରେ ୭.୭୧ କେଜିରୁ ୧୬.୨୪ କେଜିକୁ ବୃଦ୍ଧି ହୋଇଛି । ବର୍ତ୍ତମାନ ରାଜ୍ୟରେ ବାର୍ଷିକ ୩୨୪୩ କୋଟି ଟଙ୍କାର ମାଛ ରପ୍ତାନି ସମ୍ଭବ ହୋଇପାରିଛି । ମାଛ ଉତ୍ପାଦନ ହାର ୩ ମେଟ୍ରିକ୍ ଟନ୍‌ରୁ ୫ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ଲକ୍ଷ୍ୟରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରିବା ସହ ମତ୍ସ୍ୟ ଚାଷୀଙ୍କ ଏ ଦିଗରେ ସମସ୍ତ ପ୍ରୋତ୍ସାହନ ଓ ତାଲିମ ଯୋଗାଇଦେବା ଉପରେ ସରକାର ଅଗ୍ରାଧିକାର ଦେଇଛନ୍ତି । ଶୁକ୍ରବାର ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି । ଡ. ସାହୁ ରାଜ୍ୟରେ ମତ୍ସ୍ୟ ସମ୍ପଦର ଅଭିବୃଦ୍ଧି ଉପରେ ମତ ଦେଇ କହିଥିଲେ, ମାଛ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟରେ ବ୍ୟାପକ ମାଛ ଯାଆଁଳ ଉତ୍ପାଦନର ଆବଶ୍ୟକତା ରହିଛି । ସେଥିପାଇଁ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ଓ ଅଭିପାଳନ କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯାଇ ଆଗୁଆ ଓ ବର୍ଷସାରା ମତ୍ସ୍ୟଚାଷୀଙ୍କୁ ଯାଆଁଳ ଯୋଗାଇଦେବା ଉପରେ ଫୋକସ୍ କରାଯାଇଛି । ଜୈବପୁଞ୍ଜ ପଦ୍ଧତିରେ ମାଛ ଚାଷ, ମତ୍ସ୍ୟଚାଷୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅଧିକ ଉଦ୍ୟୋଗୀ ସୃଷ୍ଟି କରିବା, ଖାରୀ ପାଣିରେ ଚିଙ୍ଗୁଡ଼ି ଚାଷକୁ ବ୍ୟାପକ କରିବା ପାଇଁ ରୂପରେଖ ପ୍ରସ୍ତୁତ କରିବା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ଉପରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ବୋଲି ସେ କହିଥିଲେ । ଭୁବନେଶ୍ୱରସ୍ଥ କୃଷି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ମତ୍ସ୍ୟ ବିଭାଗୀୟ ସମୀକ୍ଷା ବୈଠକରେ କୃଷି ଉତ୍ପାଦନ କମିଶନର ଆର୍.କେ. ଶର୍ମା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଆର୍ ରଘୁପ୍ରସାଦ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

କୋଟିଆ ହେବ ଆଦର୍ଶ ପଞ୍ଚାୟତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେସନ୍ସିଂ ମାଧ୍ୟମରେ କୋରାପୁଟ ଜିଲ୍ଲାର ପଟାଙ୍ଗି ଅଞ୍ଚଳର କୋଟିଆ ପଞ୍ଚାୟତ ପାଇଁ ୧୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ୧୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ହୋଇଥିବା ବେଳେ ୫ କୋଟି ଟଙ୍କାର ଗୋଟିଏ ଉଚ୍ଚ ସେତୁ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ରଖାଯାଇଛି । ସେଠାରେ ସମୁଦାୟ ୧୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାମ ଜାରି ରହିଛି । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ୨୦୧୮ରେ କୋଟିଆ ପଞ୍ଚାୟତର ବିକାଶ ପାଇଁ ୧୫୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ । ଏହା ପରଠାରୁ କୋଟିଆ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପିଇବା ପାଣି, ବିଜୁଳି ଆଦି ସବୁ ସୁବିଧାର ବିକାଶ କରାଯାଇଛି । ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି ସାମାଜିକ ନିରାପତ୍ତା ଯୋଗାଇ ଦିଆଯାଉଛି । ଜୀବନଜୀବିକା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ କହିବା ମୁତାବକ, ମାଲକାନଗିରିରୁ ମୟୁରଭଞ୍ଜ, କୋରାପୁଟରୁ କଟକ, ସବୁ ଅଞ୍ଚଳର ବିକାଶ ପାଇଁ ସେ କାମ କରୁଛନ୍ତି । ବିକାଶର ସୁଫଳ ପ୍ରତି ପରିବାର ପାଖରେ ପହଞ୍ଚାଇବା ପାଇଁ, ରାଜ୍ୟର ସବୁ କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ କାମ କରାଯାଉଛି । ଓଡ଼ିଶା ଆମର ମା' । ଓଡ଼ିଆ ଆମର ଭାଷା । ମହାପ୍ରଭୁ ଜଗନ୍ନାଥ ଆମର ବଡ଼ ଠାକୁର । ଜଗନ୍ନାଥ ସଂସ୍କୃତି ଆମର ସଂସ୍କୃତି । କୋରାପୁଟକୁ ଆମେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲି କହିଥାଉ । ସ୍ୱାଧୀନତା ସଂଗ୍ରାମରେ ମଧ୍ୟ କୋରାପୁଟ ବଡ଼ ଭୂମିକା ବିଷୟରେ ଆଲୋକପାତ କରି ସେ ଏହି ଅବସରରେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ବିକାଶମୂଳକ କାର୍ଯ୍ୟକ୍ରମ ଯୋଗୁ କୋଟିଆ ପଞ୍ଚାୟତରେ ବହୁତ ଉନ୍ନତି ଆସିଛି । ଗାଁର ଲୋକମାନେ ରାସ୍ତାଘାଟ, ପାଣି, ବିଜୁଳି, ଶିକ୍ଷା ଆଦି ବିଭିନ୍ନ ସୁବିଧା ପାଇପାରୁଛନ୍ତି । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ । କୋରାପୁଟ ଓ ପଟାଙ୍ଗିର ବିଧାୟକ ମଧ୍ୟ ଏହି ଅବସରରେ ନିଜର ମତବ୍ୟକ୍ତ କରି କୋଟିଆ ଆଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ । କୋଟିଆ ପଞ୍ଚାୟତର ପ୍ରତିନିଧି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଧ୍ୟ ଏହି ଅବସରରେ ନିଜର ମତାମତ ରଖି କୋଟିଆ ପଞ୍ଚାୟତ ଏବଂ ସାରା ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମର ସୁଫଳ କିପରି ଲୋକମାନେ ପାଉଛନ୍ତି, ସେ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ ପାଣ୍ଡିଆନ ସଂଯୋଜନା କରିଥିବା ବେଳେ କୋରାପୁଟ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ । କୋଟିଆ ଅଞ୍ଚଳର ବିକାଶ ଉପରେ ଏକ ସ୍ୱତନ୍ତ୍ର ବୃତ୍ତ ଚିତ୍ର ଏହି ଅବସରରେ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅର୍ଥ ବିଭାଗର ପ୍ରମୁଖ ସଚିବ ଆଦି ଉପସ୍ଥିତ ଥିଲେ ।

ବାଲେଶ୍ୱରରେ ହେବ ଦେଶର ପ୍ରଥମ ବଜ୍ରପାତ ଗବେଷଣା କେନ୍ଦ୍ର

ଭୁବନେଶ୍ୱର : ଲଘୁଚାପ, ବାତ୍ୟା ଇତ୍ୟାଦିର ପୂର୍ବାନୁମାନ କରି ଲୋକଙ୍କୁ ଆଗୁଆ ସତର୍କ କରାଇବାରେ ବେଶ୍ ସଫଳ ହୋଇଛି ଭାରତୀୟ ପାଣିପାଗ ବିଭାଗ । ତେବେ ବଜ୍ରପାତ ଭଳି ଆକସ୍ମିକ ବିପଦର ସଠିକ୍ ଭାବେ ଆକଳନ କରାଯାଇପାରୁନାହିଁ । ଯାହାଫଳରେ ଅକାଳରେ ବହୁ ଧନଜୀବନ ନଷ୍ଟ ହେଉଛି । ଏହାକୁ ଦୃଷ୍ଟିରେ ରଖି ଦେଶରେ ପ୍ରଥମ କରି ଏକ ବଜ୍ରପାତ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି । ବାଲେଶ୍ୱର ଠାରେ ଇସ୍ରୋ, ଡିଆରଡିଓ ଏବଂ ଆଇଏମଡିର ମିଳିତ ସହଯୋଗରେ ଏହା ପ୍ରତିଷ୍ଠା କରାଯିବ ବୋଲି ଆଏମଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ ଦେଶରେ ପ୍ରଥମ ଥର ଲାଗି ଏଭଳି ଏକ ଅନୁଷ୍ଠାନର ପରିକଳ୍ପନା କରିଛି ଭାରତୀୟ ପାଣିପାଗ ବିଭାଗ । ଭୂ-ବିଜ୍ଞାନ ମନ୍ତ୍ରଣାଳୟର ନିଷ୍ପତ୍ତିକ୍ରମେ ଏହା ବାଲେଶ୍ୱରରେ ପ୍ରତିଷ୍ଠା ହେବ । ଏହି ଗବେଷଣା କେନ୍ଦ୍ର ଆରମ୍ଭ ହେଲେ ବଜ୍ରପାତକୁ ନେଇ ଆହୁରି ସଠିକ୍ ଓ ନିର୍ଭୁଲ ଭାବରେ ଆକଳନ କରାଯାଇପାରିବ । ବାଲେଶ୍ୱରରେ ଏହା ପ୍ରତିଷ୍ଠା ହେବାଦ୍ୱାରା ସମଗ୍ର ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରେ ଏହା ସେବା ଯୋଗାଇ ପାରିବ । ବର୍ତ୍ତମାନ ନିଷ୍ପତ୍ତି ପ୍ରାଥମିକ ସ୍ତରରେ ରହିଥିବାବେଳେ ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଲୋଡ଼ାପଡୁଛି । ଏହି କେନ୍ଦ୍ରଟି ବାଲେଶ୍ୱରରେ ପ୍ରତିଷ୍ଠା ହେଲେ ଆଇଆଇଟି ଖଡ଼ଗପୁର, ଆଇଆଇଟିଭୁବନେଶ୍ୱର, ଫକିରମୋହନ ୟୁନିଭର୍ସିଟି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୟୁନିଭର୍ସିଟି ଓ କୋଲକାତା ୟୁନିଭର୍ସିଟି ଏଠାରେ ମିଳିତ ଭାବେ ଗବେଷଣା କରିପାରିବେ । ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଯନ୍ତ୍ରାଂଶ ବ୍ୟବହାର କରାଯାଇ ତଥ୍ୟ ସଂଗ୍ରହ ହେବ ଏବଂ ସଠିକ୍ ସୂଚନା ମିଳିବା ଦ୍ୱାରା ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

୨୨ରୁ ଖୋଲିବ ୧ମରୁ ୮ମ ଶ୍ରେଣୀ !

ଭୁବନେଶ୍ୱର : ପ୍ରାଥମିକ ସ୍କୁଲ୍ ଖୋଲିବା ନେଇ ଚାଲିଛି ପ୍ରସ୍ତୁତି । ଏଥିପାଇଁ ଏସ୍ଓପି ତିଆରି କରୁଛି ସ୍କୁଲ ଓ ଗଣଶିକ୍ଷା ବିଭାଗ । ସ୍କୁଲ ଖୋଲିଲେ କେମିତି ପାଳନ ହେବ ନିୟମ ଓ କିଭଳି ପାଠପଢ଼ା ହେବ ସେଥିଲାଗି ଚାଲିଛି ମାନସମନ୍ଥନ । ୧ମରୁ ୮ମ ଶ୍ରେଣୀ ଯାଏଁ ସ୍କୁଲ ଖୋଲିବା ନେଇ ଆରମ୍ଭ ହୋଇଛି ପ୍ରସ୍ତୁତି । ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଖୋଲିବା ପାଇଁ ଏସଓପି ପ୍ରସ୍ତୁତ ହେଉଛି । ପ୍ରଥମରୁ ଅଷ୍ଟମ ଖୋଲିବାକୁ ଏସ୍‌ଆର୍‌ସି ମାର୍ଗଦର୍ଶିକା ଜାରି କରିଛନ୍ତି । ଅଙ୍ଗନବାଡ଼ି ଖୋଲିଲାଣି । ଆସନ୍ତା ୮ ତାରିଖରେ ନବମ ଓ ଏକାଦଶ(ଯୁକ୍ତଦୁଇ ପ୍ରଥମ ବର୍ଷ) ଶ୍ରେଣୀ ଖୋଲିବ । ତେବେ ଶିକ୍ଷକ ଅଭାବ ରହିବ ନାହିଁ । ଦକ୍ଷତା ଥିବା ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ଶିକ୍ଷାଦାନ ପାଇଁ ନିୟୋଜିତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏପରିକି ଅବସରପ୍ରାପ୍ତ ଶିକ୍ଷକ ବି ଶିକ୍ଷାଦାନରେ ନିୟୋଜିତ ହେବେ । ତେବେ ଦଶମ ଶ୍ରେଣୀ ପରି ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ରବିବାର ହେବ ନାହିଁ । ସରସ୍ୱତୀ ପୂଜା ପରେ ଅର୍ଥାତ ଆସନ୍ତା ୨୨ରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲିବ । ଏଥିପାଇଁ ଏସ୍ଓପି ପ୍ରସ୍ତୁତି ହୋଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ନିୟମିତ ଭାବେ ସ୍କୁଲ ଆସିବା ସହ ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ କ୍ୟାମ୍ପସରେ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହିବେ । କ୍ୟାମ୍ପସକୁ ବିଶୋଧନ କରିବା ସହ ସଫାସୁତୁରା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ା ଯିବନାହିଁ । ପ୍ରତି ଶ୍ରେଣୀର କ୍ଲାସ୍ ୪ଘଣ୍ଟା ଲେଖାଏଁ ହେବ । ଗୋଟିଏ ସମୟରେ ଅତି ବେଶିରେ ୪ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସ୍କୁଲ ଡକାଯିବ । ଫଳରେ ପାଠପଢ଼ାରେ କୌଣସି ସମସ୍ୟା ହେବନି କି ସ୍କୁଲ ପରିସରରେ ଭିଡ଼ ଜମିବନି । ସ୍କୁଲ ସମୟରେ ପରିବର୍ତ୍ତନ ହେବ । ସକାଳ ୧୦ଟା ବଦଳରେ ୮ଟାରୁ ୪ଟା ପର୍ଯ୍ୟନ୍ତ କ୍ଲାସ ହେବ । ଶିକ୍ଷକ ଶିକ୍ଷୟିତ୍ରୀ ପାଳି କରି ଛାତ୍ରଛାତ୍ରୀଙ୍କ କ୍ଲାସ ନେବେ । ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ସକାଳେ ପିଲାଙ୍କ କ୍ଲାସ କରିବେ ସେମାନେ ଅପରାହ୍ନ ପର୍ଯ୍ୟନ୍ତ ରହିବେ ନାହିଁ । ଅପରାହ୍ନରେ ଅନ୍ୟ ଶିକ୍ଷକମାନେ ପଢ଼ାଇବେ । କ୍ଲାସରୁମ୍ ଭିତରେ ସାମାଜିକ ଦୂରତା ସହ ମାସ୍କ ପରିଧାନ, ହ୍ୟାଣ୍ଡ ସାନିଟାଇଜରର ବ୍ୟବହାର କରିବାକୁ ଏସ୍ଓପିରେ ଉଲ୍ଲେଖ ହୋଇଛି ।

ହ୍ୟୁମ୍ ପାଇପରେ ବିତୁଛି ଧରମାର ଜୀବନ

ମୁହଁରେ ବଢୁଛି ଟ୍ୟୁମର; ଚିକିତ୍ସା ପାଇଁ ଅର୍ଥ ବାଧକ

ଉଦଳା : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ପେଟାଷୋଳ ଗ୍ରାମର ଏ ହେଉଛନ୍ତି ଧରମା ହାଁସଦା । ବୟସ ପାଖାପାଖି ୪୦ ହେବ । ଦୀର୍ଘଦିନରୁ ବାପା ମାଆ ଆରପାରିକୁ ଚାଲିଯାଇଛନ୍ତି । ପୂର୍ବରୁ ଧରମା ବାହାରକୁ ଯାଇ ନିଜର ପେଟ ପାଇଁ ଦାନା ଯୋଗାଡ କରିପାରୁଥିଲେ । ହେଲେ ତାଙ୍କୁ ମୁହଁରେ ପ୍ରଥମରୁ ଏକ ଛୋଟ ଘଶଆ ବୋଲି ଭାବୁଥିଲେ । ତେବେ ତାହା ଧୀରେ ଧଇରେ ବଡ ହେବାରେ ଲାଗିଛି । ଅର୍ଥ ଅଭାବରୁ କେମିତି ଚିକିତ୍ସା କରିବେ ତାହା ଏବେ ଧରମା ପାଇଁ ଚିନ୍ତା ବଢ଼ାଇ ଦେଇଛି । ସରକାରଙ୍କ ଯୋଜନା ଅନେକ ହେଲେ ମଧ୍ୟ ଧରମାଙ୍କ ପାଇଁ ଏହି ଯୋଜନା ସାତସପନ । ଘର ଖଣ୍ଡିଏ ନଥିବାରୁ ଧରମା ପେଟାଷୋଳ ଗ୍ରାମ ନିକଟ ଏକ ହୋମ ପାଇପରେ ଦୁଇବର୍ଷ ହେବ ଜୀବନ ବିତାଇଛନ୍ତି । ଏବେ କାମ କରିବାକୁ ସେ ସମ୍ପୂର୍ଣ୍ଣ ଅକ୍ଷମ । ହୋମ ପାଇପ ଭିତରେ ରହିବାଠୁ ସେଠାରେ ଦିନରାତି କଟୁଛି ଧରମାଙ୍କର ଜୀବନ । ତାଙ୍କର ଏହି ସମସ୍ୟା ରହିଥିବା ବେଳେ ସରକାର ଚିକିତ୍ସା ଓ ଘର ଖଣ୍ଡିଏ ପାଇଁ ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ସ୍ୱେଚ୍ଛାସେବୀ ସରକାରଙ୍କୁ ନିବେଦନ କରିଛନ୍ତି । ବାସ୍ତବରେ ଧରମାଙ୍କ ଏହିପରି ସମସ୍ୟାକୁ ଆଖିରେ ନ ଦେଖିଲେ ବିଶ୍ୱାସ ସରକ ହେବନି । ଗୋଟିଏପଟେ ଘର ଖଣ୍ଡିଏ ନଥିବା ଯୋଗୁ ହୋମ ପାଇପରେ ଜୀବନ ଓ ଅନ୍ୟ ପଟେ ନିଜର ଚିକିତ୍ସା ତାଙ୍କର ଦୁଃଖକୁ ଦ୍ୱିଗୁଣିତ କରିଦେଇଛି । କାମ କରି ନପାରିବାରୁ ଏବେ ଧରମା ପେଟ ଖଣ୍ଡିଏ ପାଇଁ ଦାନା ଯୋଗାଡ କରିବାକୁ ଏ ଦୁଆରରୁ ସେ ଦୁଆର ହେଉଛନ୍ତି । ତେବେ ଏ ସମ୍ପର୍କରେ ଆମେ କପ୍ତିପଦା ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଧରମାର ଚିକିତ୍ସା ପାଇଁ ଜାଣିବା ପରେ ଚିକିତ୍ସା ପାଇଁ ସବୁ କିଛି ବ୍ୟବସ୍ଥା କରାଯିବ ବୋଲି ଉପଖଣ୍ଡ ଚିକିତ୍ସା ଅଧିକାରୀ ଶିବାନନ୍ଦ ମହାନ୍ତି କହିଛନ୍ତି ।

ଶୀତରେ ଥରୁଛି ସୋନପୁର

ସୋନପୁର : ପୁଣିଥରେ ସୋନପୁର ଜିଲ୍ଲାକୁ ହାଡ ଭଙ୍ଗା ଶୀତ ଲେଉଟିଛି । କେବଳ ସୋନପୁର ନୁହେଁ ସମଗ୍ର ପଶ୍ଚିମ ଓଡିଶା ଶୀତରେ ଥରୁଛି । ପ୍ରାୟତଃ ଓଡିଶାରେ ମକର ସଂକ୍ରାନ୍ତି ପରେ ଶୀତର ପ୍ରାବଲ୍ୟ କମି ଯାଇଥାଏ । ପାହାନ୍ତି ପ୍ରହରରେ ଅଳ୍ପ ଅଳ୍ପ ଶୀତୁଆ ପବନ ବସନ୍ତ ଋତୁ ଆଗମନର ପୂର୍ବ ସୂଚନା ଦେବା ଆରମ୍ଭ କରିଥାଏ । ସୋନପୁର ଜିଲ୍ଲାର ପାହାଡ ତଳିଆ ଅଞ୍ଚଳରେ ଶେଷ କାକର ଟୋପା ବର୍ଷା ସରି ସରି ଆସୁଥିବା ମହୁଲ ଫୁଲକୁ ବିଦାୟ ଜଣାଉଥାଏ । ଏବର୍ଷ ଋତୁଚକ୍ରର ପରିବର୍ତ୍ତନ ସମ୍ପସର୍ଣ୍ଣ ନିଆରା ହୋଇଛି । ଥରେ ଶୀତ ବିଦାୟ ନେବା ପରେ ପୁଣି ଫେବୃୟାରୀ ମାସରେ ଶୀତ ଲେଉଟି ଆସିଛି ପଶ୍ଚିମ ଓଡିଶା ସମତେ ସୋନପୁର ଜିଲ୍ଲାକୁ । ଜନଜୀବନ ପୁଣିଥରେ ବିର୍ଯ୍ୟସ୍ତ ହୋଇପଡିଛି । ରାତି ନହେଉଣୁ ସହରର ରାସ୍ତାଘାଟ ଶୂନଶାନ ହୋଇପଡୁଛି । ଗତ ୫ ଦିନ ହେଲା ସମଗ୍ର ଜିଲ୍ଲାରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି । ଗୋଟିଏ ପଟେ ଶୀତରେ ଜୀବନଯାତ୍ରା ବିନ୍ନ ହେଉଥିବା ବେଳେ ଅନ୍ୟପଟରେ ଶୀତକାଳୀନ ପରିବା ପ୍ରଚୁର ପରିମାଣରେ ଆମଦାନୀ ହେଉଥିବା ଦେଖିବାକୁ ମିଳୁଛି । ଗାଁ ଓ ସହର ପ୍ରାୟ ପ୍ରତ୍ୟେକ ଜାଗାରେ ସନ୍ଧ୍ୟା ଓ ସକାଳେ ଲୋକମାନେ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜାଳୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ଆଗକୁ ଶୀତ ବଢିବ କି କମିବ ତାହାର ସୂଚନା ମିଳିନଥିବା ବେଳେ ସକାଳର ଥଣ୍ଡା ପବନ ଜନଜୀବନକୁ ପ୍ରବଳ ପ୍ରଭାବିତ କରିଛି । ଗରିବ ଲୋକମାନେ ପୂର୍ନବାର ଶୀତ ଭୟରେ ପ୍ରମାଦ ଗଣିବାକୁ ଆରମ୍ଭ କରିଦେଇଛନ୍ତି ।

PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455
MOUZA : B